Weekly Multilingual

ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Rs - 5.00

ଭାଗ:୨, ସଂଖ୍ୟା: ୦୪, ଭୁବନେଶ୍ୱର, ଡିସେମ୍ବର ୦୯-୧୫, ୨୦୨୪, Vol: 2, Issue: 04, Bhubaneswar, December 09-15, 2024, Pages- 8

# ସତ୍ୟାଗ୍ରହର ସ୍ୱନକ୍ଷତ୍ର

*ଅଳିଆ ଗଦା ବା ଡମ୍ପିଂୟାର୍ଡ୍ ର ଦୁର୍ଗନ୍ଧ ଅତିଶୟ ହେବାରୁ ଗତବର୍ଷ ଡିସେମ୍ବର ମାସରେ ବିଜେପି ପକ୍ଷରୁ ଏକମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା ସତ୍ୟାଗ୍ରହ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସତ୍ୟାଗ୍ରହରେ ଯୋଗ ଦେଇ କହିଥିଲେ ଯଦି ବିଜେପି ଶାସନକୁ ଆସିବ ତେବେ ୭୨ ଘଣ୍ଟା ମଧ୍ୟରେ ଡମ୍ପିଂୟାର୍ଡ୍ ସମସ୍ୟାର ସମାଧାନ ନିଶ୍ଚିତ ହେବ। ତାର ଠିକ୍ ଛଅ ମାସ ପରେ, ଜୁନ ମାସରେ ବିଜେପି ରାଜ୍ୟରେ ଶାସନ ଗଢିଲା ସତ କିନ୍ତୁ ସମସ୍ୟା ରହିଲା ଅପରିବର୍ତ୍ତିତ। ଶାସନକୁ ଆସିବା ପରେ ସତ୍ୟାଗ୍ରହର ସଂକଳ୍ପକୁ ଭୁଲିଗଲେ ରାଜ୍ୟ ବିଜେପିର ଶୀର୍ଷ ନେତୃତ୍ୱ। କ୍ଷମତାର ମଉଜ ଭିତରେ ଭୁଲିଗଲେକି ପ୍ରତିଶ୍ରୁତି ? ଏମିତିକା ପ୍ରଶ୍ନର ଉତ୍ତର ଅଛିକି ରାଜ୍ୟ ଶାସନମୁଖ୍ୟ କି ଦଳୀୟ ସଭାପତିଙ୍କ ପାଖରେ ?? କିଛି ଅସମାହିତ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଭଏସ୍ ଅଫ୍ ଭିକ୍ଟିମ୍ସର ଏକ ପ୍ରୟାସ।*

ଉପସ୍ଥାପନା : କୈଳାସ ଚନ୍ଦ୍ର ଶତପଥୀ



- ସହି ହେଉନି କି କହି ହେଉନି
- କଳବଳ କଲାଣି ଅଳିଆ ଗଦାର ଦୁର୍ଗନ୍ଧ
- ସେତେବେଳେ ଗନ୍ଧଉଥିଲା ଏବେ ଆଖିପାଉନି
- ଅସ୍ତବ୍ୟସ୍ତ ହେଲେଣି ଅଞ୍ଚଳବାସୀ, ଛାତ୍ରଛାତ୍ରୀ ଓ କର୍ମଚାରୀ

ରାଜଧାନୀ ଭୁବନେଶ୍ୱରର ଛାତି ଉପରେ ସୈନିକ ସ୍କୁଲ ନିକଟ ଅଳିଆ ଗଦା ବା ଡମ୍ପିଂୟାର୍ଡ୍ ଦୁର୍ଗନ୍ଧ ପାଇଁ ଗତ ବର୍ଷ ରାଜ୍ୟ କ'ଣ ଦେଶ ପଡ଼ିଲା ଉଠିଲା। ପ୍ରମୁଖ ଗଣମାଧ୍ୟମର ଶୀର୍ଷକ ଖବର କେବଳ ଅଳିଆ ଗଦା ଆଉ ଡମ୍ପିୟାର୍ଡ୍ ଦୁର୍ଗନ୍ଧକୁ ନେଇ ପରିବେଷିତ ହେଲା। ଅତ୍ୟନ୍ତ ଗମ୍ଭୀର ସମସ୍ୟାର ଏକ ସ୍ଥାୟୀ ସମାଧାନ ନିମନ୍ତେ ରାଜ୍ୟ ବିଜେପି ଦଳ ଭୁବନେଶ୍ୱର ସଭାପତି ବାବୁ ସିଂ ଙ୍କ ନେତୃତ୍ୱରେ ସୈନିକ ସ୍କୁଲ ଛକ ନିକଟରେ ଏକ ମାସ ପର୍ଯ୍ୟନ୍ତ ସତ୍ୟାଗ୍ରହ ଆନ୍ଦୋଳନରେ ବସିଲେ। ବାବୁ ସିଂ ସେହି ସମୟରେ ଏକ ସାଙ୍ଘାତିକ ଅଭିଯୋଗ କରିଥିଲେ ଯେ ସହର ମଧ୍ୟରେ ଜନବସତି ଭିତରେ ଅସ୍ଥାୟୀ ଡମ୍ପିଂୟାର୍ଡ୍ ପାଇଁ ଅନୁମତି କିଏ ଦେଲା? କେଉଁ ଆଇନ ଆଧାରରେ ଏହା ଦିଆଗଲା? କୋମଳମତି ଶିଶୁମାନଙ୍କୁ ବାପା-ମାଆ ମାନେ ବାହାରକୁ ନଛାଡ଼ି ଘରର ଚାରି କାନ୍ଥ ଭିତରେ ବନ୍ଦ କରି ରଖୁଛନ୍ତି। ବୟସ୍କମାନେ ବାହାରକୁ ବାହାରି ନପାରି ଅଧିକ ରୋଗାକ୍ରାନ୍ତ ହେଉଛନ୍ତି। ନିକଟରେ ଥିବା କାର୍ଯ୍ୟାଳୟରେ କାମ କରୁଥିବା କର୍ମଚାରୀ ମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଛି। ଆଖପାଖରେ ରହୁଥିବା ଲୋକେ ଅଞ୍ଚଳ







ଛାଡ଼ିବାକୁ ବାହାରିଲେଣି। ଏଭଳି ଅନେକ ଯଥାର୍ଥ ଅଭିଯୋଗ ସବୁ ସେ ଆଣିଥିଲେ। ଏଥିପାଇଁ ସେ ଭୁବନେଶ୍ୱରର ତିନି ବିଧାୟକ, ବି.ଏମ୍.ସି ମେୟର, ମ୍ୟୁନିସିପାଲଟି କମିଶନର ଓ ତତ୍କାଳୀନ ବିଜେଡି ସରକାରକୁ ଦାୟୀ କରିଥିଲେ। ସେମାନଙ୍କ ମଧ୍ୟରେ ସମନ୍ୱୟ ନାହିଁ, ଇଚ୍ଛା ଶକ୍ତିର ଅଭାବ ରହିଛି, ଆମ ରାଜ୍ୟର ଆଗାମୀ ଭବିଷ୍ୟତ ଶିଶୁମାନଙ୍କୁ ସରକାର ବିପଦ ମୁହଁକୁ ଠେଲି ଦେଉଛନ୍ତି ଭଳି ଅଭିଯୋଗ ମାନ ଆଣିଥିଲେ। ରାଜଧାନୀରେ ରହୁଥିବା ଲୋକଙ୍କ ସମେତ ସମଗ୍ର ଓଡ଼ିଶାବାସୀ ବିଜେପିର ଏହି ସତ୍ୟାଗ୍ରହକୁ ବାହାବାହା ଦେଇଥିଲେ। ବିଜେପିର ଦାବି ଥିଲା ଅଳିଆ ଗଦାକୁ ତୁରନ୍ତ ସେଠାରୁ ଉଠାଇବା ସହିତ ସ୍ଥାୟୀ ଭାବେ ଏହି ଅସ୍ଥାୟୀ ଡମ୍ପିଂୟାର୍ଡକୁ ସହର ମଧ୍ୟରୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତରିତ କରିଦିଆଯାଉ। ଏବେ ରାଜ୍ୟରେ ବିଜେପି ସରକାର ଗଠନ କରିବାର ଛଅ ମାସ ହେଇଗଲାଣି। ନିଜେ ବାବୁ ସିଂ ମଧ୍ୟ ବିଧାୟକ ଭାବେ ଏକାମ୍ର ଭୁବନେଶ୍ୱରରୁ ନିର୍ବାଚିତ ହୋଇଛନ୍ତି। କିନ୍ତୁ ଅଳିଆ ଗଦାର ସ୍ଥିତି ଯେମିତି ଥିଲା ସେମିତି ଅଛି। ଅଳିଆ ଗଦା ନିକଟରେ ଗଣମାଧ୍ୟମ କ୍ୟାମେରା ନାହିଁ, ସାମ୍ବାଦିକମାନଙ୍କ ଭିଡ ନାହିଁ, ମାସ୍କ ପିନ୍ଧା ରାଜନୈତିକ ବ୍ୟକ୍ତିଙ୍କ ଗ୍ରାଉଣ୍ଡ ଜିରୋ ସର୍ଭେ ନାହିଁ କି ସୈନିକ ସ୍କୁଲ୍ ଛକ ନିକଟରେ ସତ୍ୟାଗ୍ରହ ନାହିଁ। ଏଠିକାର ଅଞ୍ଚଳବାସୀ ଯେଉଁ ପୋଚା ଦୁର୍ଗନ୍ଧ ଯନ୍ତ୍ରଣା ଭୋଗୁଥିଲେ, ସେମାନେ ସେଥିରୁ ମୁକ୍ତି ପାଇ ପାରି ନାହାଁନ୍ତି। ଏକଥା ଆଉ କହିବେ କାହାକୁ? ଯିଏ ଆଗକୁ ବାହାରି ସତ୍ୟାଗ୍ରହ କରି ଲଢୁଥିଲା, ସିଏ ତ ଏବେ ଶାସନ ଗାଦିରେ। ଯାହାକୁ ଭରସା କରି ନିର୍ବାଚିତ କରି ଆଣିଲେ, ସେ ସରକାର ଏବେ ନୀରବ। ନିକଟରେ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳିତ ହୋଇଛି। ସ୍ଥାନୀୟ ଭି.ଏସ.ଏସ ନଗର ଉନ୍ନୟନ ପରିଷଦ ପକ୍ଷରୁ, ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ ଅବସରରେ ସୈନିକ ସ୍କୁଲ ନିକଟ ଅଳିଆ ଗଦା (ଟି.ଟି.ଏସ)କୁ ଦୃଢ଼ ବିରୋଧ କରାଯାଇ ପ୍ରଦୂଷଣ ନିରାକରଣ ନିମିତ୍ତ ଅନେକ ଦାବି ରଖିଛନ୍ତି। ପରିଷଦ ତରଫରୁ ଦାବି ହେଇଛି କି, ତୁରନ୍ତ ଏହି ଜାଗାରୁ ଅଳିଆ ଗଦାକୁ ଉଠାଯାଉ। ଗତ ବର୍ଷ ଡିସେମ୍ବର ମାସରେ ବି.ଏମ.ସି କମିଶନର ପ୍ରତିଶ୍ରୁତି ଦେଇ କହିଥିଲେ କି ଦୁଇ ମାସ ଭିତରେ ଏହି ସ୍ଥାନରୁ ଅଳିଆ ଗଦାକୁ ସଫା କରାଯାଇ ଏକ ସୁନ୍ଦର ଓ ମନୋରମ ପାର୍କ ନିର୍ମାଣ କରାଯିବ। ସବୁ ପ୍ରତିଶ୍ରୁତି କେବଳ କେବଳ ମିଥ୍ୟା ଥିଲା ବୋଲି ପରିଷଦ ଅଭିଯୋଗ ବାଢିଥିଲେ। ସେତେବେଳର ସତ୍ୟାଗ୍ରହିମାନେ ଏବେ ସରକାରରେ ମଙ୍ଗୁଆଳ। ବୁଦ୍ଧିଜୀବୀ ମାନଙ୍କ ଅଭିଯୋଗ ହେଲା ସେତେବେଳ ଭଳି ଏବେ ସେମାନଙ୍କ ନାକକୁ ଆଉ ଦୁର୍ଗନ୍ଧ ହେଉନାହିଁ ନହେଲେ ଲୋକେ ଭୋଗୁଥିବା ସମସ୍ୟାର କେବେଠାରୁ ସମାଧାନ ହୋଇସାରନ୍ତାଣି। ମନ୍ଦିରମାଳିନୀ ସହର ତଥା ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ଗଦା ହେଉଥିବା ଅଳିଆ ଯୋଗୁ ଜନଜୀବନ ଦିନକୁଦିନ ଅତ୍ୟନ୍ତ ଦୟନୀୟ ହେବାରେ ଲାଗିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପ୍ରକାଶିତ ଗତକାଲି ରିପୋର୍ଟ ଅନୁଯାୟୀ ଭୁବନେଶ୍ୱରର ଏକ୍ୟୁଆଇ ପିଏମ୍ ୨.୫ ତଥା ଛୋଟ ଧୂଳିକଣାର ମାତ୍ରା ଦିଲ୍ଲୀ ୧୭୮ କୁ ପଛରେ ପକାଇ ୨୬୭ ରେ ପହଞ୍ଚିଲାଣି। ଏକ୍ୟୁଆଇ ସୁଚକାଙ୍କ ୫୦ ରୁ ୧୦୦ ମଧ୍ୟରେ ରହିଲେ ସନ୍ତୋଷଜନକ କୁହା ଯାଉଥିବା ବେଳେ ଭୁବନେଶ୍ୱରର ସ୍ଥିତି ସାଙ୍ଘାତିକ।ବିଭିନ୍ନ କାରଣରୁ ରାଜଧାନୀ ଭୁବନେଶ୍ୱର ଚକାଚକ୍ ହେଇଯାଉଛି। ମାନ୍ୟବର ପ୍ରଧାନମନ୍ତ୍ରୀ କିମ୍ବା ମହାମହିମ ରାଷ୍ଟ୍ରମୁଖ୍ୟଙ୍କ ଗସ୍ତ ପାଇଁ ଭୁବନେଶ୍ୱର ରଙ୍ଗାରଙ୍ଗ୍ ହେଇଯାଉଛି। କେବେ ସୌନ୍ଦର୍ଯ୍ୟକରଣ ପାଇଁ ଭଙ୍ଗାରୁଜା ହୋଇ ପୁନଃନିର୍ମାଣ ସହ ଭୁବନେଶ୍ୱର ସହର ଝଲସୁଛି। କିନ୍ତୁ ବିପର୍ଯ୍ୟସ୍ତ ବର୍ଜ୍ୟବସ୍ତୁ ପରିଚାଳନା ସହରବାସୀଙ୍କ ପାଇଁ ଏକ ବଡ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସୈନିକ ସ୍କୁଲ ନିକଟରେ ଅଳିଆଗଦାର ଦୁର୍ଗନ୍ଧ ସାରା ସହରକୁ ବ୍ୟାପି ଗଲାଣି। ଆଗରୁ ତାହା ମଞ୍ଚେଶ୍ୱର ରେଳ କଲୋନୀ, ଭି.ଏସ.ଏସ ନଗର, ଗାଡ଼କଣା, ଶୈଳଶ୍ରୀବିହାର, ନୀଳାଦ୍ରିବିହାର ଓ ବାଣୀବିହାର ଭିତରେ ସୀମିତ ଥିଲା। ଏବେ ପୋଚା ଅଳିଆର ଦୁର୍ଗନ୍ଧ ଧିରେଧିରେ ଚାରିଆଡକୁ ବ୍ୟାପିଗଲାଣି। ବି.ଏମ.ସି ମେୟର ଓ କମିଶନରଙ୍କ ଆଶ୍ୱାସନା ଆଉ କିଛି କାମ ଦେଉନାହିଁ। ବର୍ଷକ ତଳେ ଯେଉଁ ଭଳି ଦୁର୍ଗନ୍ଧମୟ ପରିବେଶ ଥିଲା ଏବେ ମଧ୍ୟ ସେଇ ସମାନ ଅବସ୍ଥା ରହିଛି। ବିଭିନ୍ନ ସମୟରେ ମାନ୍ୟବର ହାଇକୋର୍ଟ ଓ ସୁପ୍ରୀମକୋର୍ଟ, ଜନବସତି ମଧ୍ୟରେ ଅଳିଆ ଆବର୍ଜନା ଗଚ୍ଛିତ କରି ରଖିବାକୁ ମନା କରିଥିବାର ନିର୍ଦ୍ଦେଶକୁ ମଧ୍ୟ କାର୍ଯ୍ୟକାରୀ କରାହେଉନି। ଅତୀତରେ ବି.ଏମ.ସି'ର ଗଛ ଲଗାଇବା ପରାମର୍ଶ ଅଜବ ଏବଂ ଅବାନ୍ତର ଲାଗୁଛି। ଗଛ ଲଗାଇଲେ ଅନେକ ଉପକାରିତା ମିଳେ ଏହା ନିଃସନ୍ଦେହ, କିନ୍ତୁ ଗଛ ଲଗାଇଲେ ଦୁର୍ଗନ୍ଧ କମିବ ଏହା କେଉଁ ଶ୍ରେଣୀର ପାଠରେ ଅଛି ତାହା ଏବେ ବୁଦ୍ଧିଜୀବୀ ମାନେ ପ୍ରଶ୍ନ କଲେଣି। ବି.ଏମ.ସି କର୍ତ୍ତୃପକ୍ଷ ଏବେ ଅଳିଆ ଗଦା ପାହାଡର ଉଚ୍ଚତାକୁ କମ ଦେଖାଇବା ନିମନ୍ତେ ସେଇ ଅଳିଆ ଗଦାସବୁକୁ ସମାନ କରି ସେହିଠାରେ କେତେ ପ୍ରକାରର କେମିକାଲ ଛିଞ୍ଚିବାରେ ବ୍ୟସ୍ତ। ତଥାପି ଦୁର୍ଗନ୍ଧରୁ ନିସ୍ତାର ମିଳୁନାହିଁ। ବରଂ ଏହି କାରଣରୁ ଶ୍ୱାସ ରୋଗ, ଚର୍ମ ରୋଗ ଓ ମାରାତ୍ମକ କ୍ୟାନସର୍ ବେମାରି ବଢୁଛି ବୋଲି ଡାକ୍ତରମାନେ କହୁଛନ୍ତି। ଅସୁସ୍ଥ ପରିବେଶ, ବାୟୁ ପ୍ରଦୂଷଣ, ହିଁ ଅନେକ ରୋଗ ର କାରଣ। ତେଣୁ ଅଳିଆ ଗଦା ବା ଡମ୍ପିୟାର୍ଡ୍ ଅନ୍ୟତ୍ର ସ୍ଥାନାନ୍ତର ନହେଲେ ସାଧାରଣ ଜନତାଙ୍କ ଜନଜୀବନ ଗୁରୁତର ଭାବରେ ପ୍ରଭାବିତ ହେବ ଯାହା ଏବେଠାରୁ ଜଳଜଳ ହେଇ ଦିଶିଲାଣି। ଆମ ଟିମ୍ ଏ ବାବଦରେ ବର୍ତ୍ତମାନର ପଦକ୍ଷେପ ବିଷୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସଙ୍କ ମତାମତ ଜାଣିବାକୁ ଚାହିଁଥିଲେ ମଧ୍ୟ ସେମାନଙ୍କ ନିକଟରୁ କୌଣସି ଉତ୍ତର ମିଳିପାରିଲା ନାହିଁ। ବିରୋଧିଦଳରେ ଥିବାରୁ ଅଳିଆ ଗଦା ସ୍ଥାନାନ୍ତର ପାଇଁ ପରବର୍ତ୍ତି ସତ୍ୟାଗ୍ରହ କଣ ବିଜେଡି କିମ୍ବା କଂଗ୍ରେସ ଦଳ କରିବ କି ? ବୋଲି ଲୋକେ କୁହାକୁହି ହେଲେଣି।

## ସଂ ପା ଦ କୀ ୟ

# ଜାତିଗତ ଜନଗଣନା

କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ରାଜ୍ୟ ଓବିସି ଜନଗଣନା କରି ପାରିବେ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ବିହାର ସରକାର ଏହାକୁ ଖାତିର ନ କରି ନିଜ ରାଜ୍ୟରେ ଓବିସି ଜନଗଣନା କରାଇଛନ୍ତି। ଏହି ଗଣନାକୁ ମଧ୍ୟ ପାଟନା ହାଇକୋର୍ଟ ଓ ସୁପ୍ରିମକୋର୍ଟରୁ ସବୁଜ ସଂକେତ ମିଳିଥିବାବେଳେ କେନ୍ଦ୍ର ସରକାର ଏହା ବିରୋଧରେ ସର୍ବୋଚ୍ଚ ଅଦାଲତରେ ମାମଲା ଦାଏର କରିଛନ୍ତି। ଆଗକୁ ଲୋକସଭା ଓ ଏକାଧିକ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଭୋଟର ଏବଂ ଲୋକସଂଖ୍ୟାର ଏକ ବଡ଼ଭାଗ ଓବିସିଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଦେଇ ତୋଷ କରିବାକୁ ରାଜନୈତିକ ଦଳମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଅଧିକାଂଶ ଦଳର ଦାବି ଯେ ଭାରତରେ ଓବିସିଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୪୦ ଶତାଂଶ। ଏହାସତ୍ତ୍ୱେ ସେମାନଙ୍କୁ ୨୭% ସଂରକ୍ଷଣ ସୁବିଧା ମିଳୁଛି। ତେଣୁ ରାଜ୍ୟ ସରକାରମାନେ ଓବିସିଙ୍କ ଜନଗଣନା କରି ସେମାନଙ୍କ ମଧ୍ୟରେ ଥିବା ବିଭିନ୍ନ ଉପବର୍ଗଙ୍କୁ ଅଧିକ ସଂରକ୍ଷଣ ସୁବିଧା ଦେବାକୁ ମସୁଧା କରୁଛନ୍ତି। ତେବେ ବିହାରର ଜାତିଗତ ଜନଗଣନାର ଫଳାଫଳ ଏ ଯାଏଁ ପ୍ରକାଶିତ ହୋଇନାହିଁ। ଓଡ଼ିଶା ଭଳି ରାଜ୍ୟ, ଯେଉଁଠି ଓବିସିଙ୍କ ଆନୁପାତିକ ସଂଖ୍ୟା ଅଧିକ, ସେଠାରେ ଏହି ଜାତିର ଜନଗଣନା ପାଇଁ ରାଜନୈତିକ ମହଲରେ ଦାବି ଉଠିବା ସ୍ୱାଭାବିକ। ରାଜନୀତି ସମ୍ଭାବନାର ଖେଳ ଏବଂ ପରସ୍ପରକୁ ପଛରେ ପକାଇ ଆଗକୁ ଯିବାର କଳା। ଏବେ ଓବିସି ପ୍ରସଙ୍ଗରେ କେନ୍ଦ୍ରର ଏନ୍‌ଡିଏ ସରକାର ଏକ ଚତୁର ଚାଲ ଖେଳି ଜଷ୍ଟିସ୍ ରୋହିଣୀ କମିଶନଙ୍କ ରିପୋର୍ଟକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଯାହା ଜଣାପଡ଼ିଛି କେନ୍ଦ୍ର ସରକାର ଯଦି ଏହି ରିପୋର୍ଟର ସୁପାରିସ୍‌କୁ କାର୍ଯ୍ୟକାରୀ କରିବାକୁ ନିଷ୍ପତି ନିଅନ୍ତି, ତାହା ଆସନ୍ତା ଲୋକସଭା ନିର୍ବାଚନରେ ବିଜେପି ଓ ଏହାର ମିଶ୍ରଦଳଙ୍କୁ ଫାଇଦା ଦେଇପାରେ। ସୂଚନାଯୋଗ୍ୟ ଯେ ଓବିସି ଅନ୍ତର୍ଗତ ବିଭିନ୍ନ ଉପବର୍ଗଙ୍କ ବର୍ଗୀକରଣ ଓ ସେମାନଙ୍କୁ ଚିହ୍ନଟ କରିବାକୁ ୨୦୧୭ରେ ଦିଲ୍ଲୀ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ୍ ଜି ରୋହିଣୀଙ୍କ ଅଧ୍ୟକ୍ଷତାରେ ଏହି କମିଶନ ଗଠନ କରାଯାଇଥିଲା। କମିଶନଙ୍କ ସୁପାରିସ ସହିତ ଦେଶର ମୋଟ ଭୋଟରଙ୍କ ମଧ୍ୟରୁ ୪୦%ଙ୍କ ଭବିଷ୍ୟତ ସମ୍ପୃକ୍ତ; କାରଣ ସେମାନେ ଓବିସି ବର୍ଗର। ତେଣୁ ରାଜନୈତିକ ଦୃଷ୍ଟିରୁ ଏହା ବିଶେଷ ଚର୍ଚ୍ଚିତ ତଥା ଗୁରୁତ୍ୱପୂର୍ଣ୍ଣ ହେବା ଆଶଙ୍କା କରାଯାଉଛି। ରୋହିଣୀ ରିପୋର୍ଟରେ ସବୁ ଓବିସିବର୍ଗଙ୍କ ଚିହ୍ନଟ ଓ ସେମାନଙ୍କ ବର୍ଗ-ଉପବର୍ଗ ନିର୍ଦ୍ଧାରିତ ହୋଇଛି। ତଥ୍ୟ ଅନୁସାରେ ଏହି ରିପୋର୍ଟର ସୁପାରିସ ସବୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ। ପ୍ରଥମ ଭାଗରେ ଓବିସି ବର୍ଗଙ୍କ ସଂରକ୍ଷଣ କୋଟାର ସମାବେଶୀ ଓ ଉପଯୁକ୍ତ ବଂଟନକୁ ଗୁରୁତ୍ୱ ଦିଆଯାଇଛି। ସରଳ ଅର୍ଥରେ ଓବିସି ବର୍ଗରେ ଥିବା ସବୁ ଉପବର୍ଗ ନିଜର ସଂଖ୍ୟା ଅନୁପାତରେ ମୋଟ ସଂରକ୍ଷଣ କୋଟା ମଧ୍ୟରେ ଭାଗ ପାଇବେ। ସେହିଭଳି ଦ୍ୱିତୀୟ ଭାଗ ସୁପାରିସରେ ଦେଶର ସମ୍ପ୍ରତି ୨୬୩୩ ଚିହ୍ନଟ ହୋଇଥିବା ଓବିସି ବର୍ଗଙ୍କ ତଥ୍ୟ ରହିଛି। ଏଥିରେ ଏହି ଓବିସି ବର୍ଗର ଉପବର୍ଗମାନଙ୍କର ସଂଖ୍ୟା ଦେଶର ଲୋକସଂଖ୍ୟା ଅନୁପାତରେ କେତେ ତାହା ନିର୍ଣ୍ଣିତ ହୋଇ ସେମାନଙ୍କୁ ନିଜର ସଂଖ୍ୟା ଆଧାରରେ ସଂରକ୍ଷଣର ସୁବିଧା ମିଳିବ। ଏହାର ବଡ଼ ଲାଭଟି ହେଲା ମୋଟ ଓବିସି କୋଟାରେ ଜନସଂଖ୍ୟା ଆଧାରରେ ବିଭିନ୍ନ ବର୍ଗର ଓବିସି ସଂରକ୍ଷଣର ସୁବିଧା ପାଇବେ ଏବଂ ବର୍ତ୍ତମାନର ପ୍ରଭାବଶାଳୀ ଓବିସି ବର୍ଗ ଆଗ ଭଳି ସବୁ ସୁବିଧା ହାତେଇ ପାରିବେ ନାହିଁ। କେବଳ ଓବିସି ନୁହେଁ, ବାକି ସମସ୍ତ ସଂରକ୍ଷଣ ସୁବିଧା ପାଉଥିବା ଜାତିମାନଙ୍କ ମଧ୍ୟରେ ଥିବା ଅନେକ ଉପବର୍ଗ ଉଭୟ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅଧିକ ଦୁର୍ବଳ। ସେମାନଙ୍କୁ ମଧ୍ୟ ସଂରକ୍ଷଣର ସୁବିଧା ଦେଇ ଆଗକୁ ଉଠାଇବାକୁ ପଡ଼ିବ। ମନେ ହେଉଛି ଯେଉଁ ରାଜନୈତିକ ଦଳମାନେ ଜାତିଆଣ ରାଜନୀତିକୁ ଅଗ୍ରାଧିକାର ଦେଉଥିଲେ ଏବେ ଓବିସି ବର୍ଗରେ ଉପବର୍ଗ ଚିହ୍ନଟ ପରେ ସେମାନେ ଅଡୁଆରେ ପଡ଼ିପାରନ୍ତି।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟ୍ସଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଚପଳ କିଶୋର ଜୀବନ

ଜୟନ୍ତୀ ପଣ୍ଡା

କୈଶୋରାବସ୍ଥା ପ୍ରତ୍ୟେକଙ୍କ ପାଇଁ ଏକ ସନ୍ଧିକ୍ଷଣ ସମୟ। ଏହି ସମୟରେ ପିଲାମାନେ ଅଧିକ ସ୍ୱାଧୀନତା ଲୋଡ଼ି ବସୁଥିବା ବେଳେ ଆମ ଭାରତୀୟ ସମାଜ, ସଂସ୍କୃତି କଟକଣା ଲାଗୁ କରେ ସେଇ କିଶୋର କିଶୋରୀଙ୍କ ପାଇଁ। ସାମାଜିକ ସମ୍ପର୍କକୁ ବାଦ୍ ଦେଲେ ବାକି ରହିଲା ପାଠପଢ଼ା। ଅଧିକାଂଶ ପିଲା ନିଜର ଭବିଷ୍ୟତକୁ ନେଇ ଅଧିକ ଚିନ୍ତିତ ହୋଇପଡ଼ନ୍ତି। କାରଣ ପ୍ରତିଯୋଗିତାମୂଳକ ପୃଥିବୀରେ ସାଙ୍ଗସାଥୀଙ୍କ ସହିତ ପାଦ ମିଳାଇ ଚାଲିବାର ଅଛି। ତେଣୁ ଏହି ସମୟରେ ପିତାମାତା ବା ଅଭିଭାବକମାନେ ସାବଧାନତାର ସହିତ କିଶୋର ସନ୍ତାନଙ୍କ ସହ ଆପୋସ ଆଲୋଚନା କରି ସବୁ କ୍ଷେତ୍ରରେ ସହଯୋଗ କରିବା ଜରୁରୀ। ସାଧାରଣତଃ ୧୦ରୁ ୧୯ ବର୍ଷ ବୟସ ହେଉଛି କୈଶୋର ସମୟ। ଏହି ସମୟରେ କିଶୋରଙ୍କ ଅପେକ୍ଷା କିଶୋରୀମାନଙ୍କ ଶାରୀରିକ ଓ ଆବେଗିକ ବିକାଶ ଦ୍ରୁତତର ହୋଇଥାଏ। ଶିକ୍ଷା ଦୃଷ୍ଟିରୁ ଦେଖିଲେ ଏହି ବୟସରେ ପଢ଼େ ମୂଳଦୁଆ। ତେଣୁ ପିତାମାତାମାନେ କିଶୋର ସନ୍ତାନଙ୍କୁ ସ୍ୱାଧୀନ ଭାବେ ସବୁ କାମ କରିବାକୁ ସୁଯୋଗ ଦେବା ଉଚିତ। ପିଲାମାନେ ଜ୍ଞାନ ଆହରଣ ପାଇଁ ନିଜେ ଇଂଟରନେଟ୍ ଦେଖିବା ବା ଲାଇବ୍ରେରୀକୁ ଯିବା ଉଚିତ। ପିତାମାତାମାନେ ଜାଣିବା ଦରକାର ଯେ କିଶୋର ସନ୍ତାନଟି ଆଦୌ ଶିଶୁ ନୁହେଁ। ଜଣେ ସ୍ୱୟଂସଂପୂର୍ଣ୍ଣ ମଣିଷର କ୍ଷୁଦ୍ର ସଂସ୍କରଣ। ତେଣୁ ଏହି ବୟସରୁ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସମସ୍ତ ଉଦ୍ୟମ କରାଯିବା ଆବଶ୍ୟକ। ମଝିରେ ମଝିରେ ଚା କରିବା, ଖାଦ୍ୟ ବାଢ଼ି ଖାଇବା, ନିଜେ ନେଇ କ୍ଷୀର ଓ ପାଣି ପିଇବା ଦିଗରେ ପ୍ରୋତ୍ସାହନ ଦେବା ଦରକାର। କୈଶୋରାବସ୍ଥାରେ ଅନେକ ସମୟରେ ପିତାମାତାଙ୍କ କଥା ପିଲାମାନଙ୍କୁ ଭଲ ଲାଗେ ନାହିଁ। ଅନେକ ପିଲା ପିତାମାତାଙ୍କ କାମ ଓ କଥାକୁ ନାପସନ୍ଦ କରନ୍ତି। ତେଣୁ ଏଥିରେ ବାପା ମା'ଙ୍କ ବ୍ୟସ୍ତ ହେବାର କିଛି ନାହିଁ। ବରଂ ନିଜେ ସମସ୍ତ ପ୍ରକାର ଅନୈତିକ କାର୍ଯ୍ୟରୁ ଦୂରେଇ ରହି ସନ୍ତାନଙ୍କ ଦୋଷାରୋପର ସାମ୍ନା କରି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିବା ଦରକାର। ପିଲାମାନଙ୍କ ଅଭିଯୋଗକୁ ନେଇ ବିବ୍ରତ ହେବା ଉଚିତ ନୁହେଁ। କିଶୋର ସନ୍ତାନଙ୍କ ଭଲ ପାଇଁ ପିତାମାତା ଅସୀମ ଧୈର୍ଯ୍ୟଶୀଳ ହେବା ଦରକାର। କିଛି ନୀତି ନିୟମ ବିଷୟରେ ଏହି ବୟସର ପୁଅ-ଝିଅଙ୍କୁ ଅବଗତ କରାଇବାର ଥିଲେ ବୁଝାଇ ଶୁଝାଇ କହିବା ଦରକାର। କିଶୋର ସନ୍ତାନମାନଙ୍କ ସବୁକଥା ପ୍ରଥମେ ଧୈର୍ଯ୍ୟର ସହ ଶୁଣିବା ଆବଶ୍ୟକ। ନହେଲେ ସେମାନେ ସାଙ୍ଗସାଥୀଙ୍କୁ ଅଧିକ ପ୍ରିୟଭାବି ସେମାନଙ୍କ ପରାମର୍ଶ ଗ୍ରହଣ କରିବାକୁ ପସନ୍ଦ କରିବେ ଓ ବାପା ମା'ଙ୍କୁ କଥା ଲୁଚାଇବେ। ପାଠପଢ଼ା ନେଇ ସବୁବେଳେ ଗାଳିଗୁଲଜ କରିବା ଉଚିତ ମଧ୍ୟ ନୁହେଁ। ବରଂ ସମସ୍ୟାରୁ କିପରି ସେମାନେ ମୁକ୍ତି ପାଇବେ ସେଥିପ୍ରତି ଆବଶ୍ୟକ ଧ୍ୟାନ ଦେବା ଜରୁରୀ। ପ୍ରତ୍ୟେକ ପିତାମାତା ସେମାନଙ୍କ କିଶୋର ସନ୍ତାନଙ୍କର ଉପଯୁକ୍ତ ବନ୍ଧୁ ହେବା ଉଚିତ। ପରିବର୍ତ୍ତିତ ପରିସ୍ଥିତିରେ ଆଜି ପରିବାରରେ ସାମାଜିକ ମୂଲ୍ୟବୋଧ ଏବଂ ନୈତିକ ମୂଲ୍ୟବୋଧର ଅବକ୍ଷୟ ଘଟିଛି। ତେଣୁ ପରିବାରରେ ସୁସଂହତ ଓ ଶାନ୍ତ ପରିବେଶ କ୍ୱଚିତ୍ ପରିଲକ୍ଷିତ ହେଉଛି। ଅଧିକାଂଶ ପିତାମାତା ଏବେ ଏତେ ବ୍ୟସ୍ତ ଯେ ନିଜ ସମୟରୁ କିଛି ସମୟ ବାହାର କରି ପୁତ୍ରକନ୍ୟାମାନଙ୍କ ସହ ବିତାଇବାକୁ ଚାହୁଁନାହାନ୍ତି। ଏହା ପିତାମାତା ଓ ସନ୍ତାନମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଦୁର୍ବଳ କରେ। ଏଣୁ ସେମାନେ ଅଧିକରୁ ଅଧିକ ସମୟ ଏକା ସାଥିରେ କାଟିବା ଦରକାର। କିଶୋରମାନେ ଚାହାନ୍ତି ଯେ ସେମାନେ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୁଅନ୍ତୁ। ତେଣୁ ସାମାଜିକ ଉତ୍ସବରେ ସେମାନଙ୍କୁ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ପିତାମାତା ସୁଯୋଗ ଦେବା ଉଚିତ। ତାହାହେଲେ ନିଜର ଅନ୍ତର୍ନିହିତ ଗୁଣକୁ ସେମାନେ ଚିହ୍ନିବାର ସୁଯୋଗ ପାଇବେ। କିଶୋର ସନ୍ତାନ ଓ ପିତାମାତା ପରସ୍ପର ପସନ୍ଦକୁ କିଭଳି ଭାବେ ଗ୍ରହଣ କରୁଛନ୍ତି ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବା ଜରୁରୀ। ନିଜର ସନ୍ତାନଙ୍କୁ ଅବିଶ୍ୱାସ କଲେ ସେମାନଙ୍କ ଆତ୍ମବିଶ୍ୱାସ ଦୁର୍ବଳ ହୋଇଯାଏ। ସେମାନଙ୍କ ପାଇଁ କେବଳ ନୀତି ନିୟମର ଲମ୍ବା ଧାଡ଼ି ତିଆରି ନକରି ସେମାନଙ୍କ ଇଚ୍ଛା, ଆକାଂକ୍ଷାକୁ ଯଥେଷ୍ଟ ସମ୍ମାନ ଦିଆଯିବା ଉଚିତ। କିଶୋରୀ କନ୍ୟାମାନଙ୍କୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବା ଦିଗରେ ମା'ମାନଙ୍କର ଭୂମିକା ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହା ନିଃସନ୍ଦେହରେ କୁହାଯାଇପାରେ। ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ଏ ଦିଗରେ ମଧ୍ୟ କର୍ତ୍ତବ୍ୟ ରହିଛି।

## ଜୟା ଏକାଦଶୀ

# ଏକାଦଶୀ ଉପବାସ ମାହାତ୍ମ୍ୟ : ୬

ସିଦ୍ଧାର୍ଥ ମହାପାତ୍ର

ପ୍ରଭୁ ଶ୍ରୀକୃଷ୍ଣ ଧର୍ମପୁତ୍ର ଯୁଧିଷ୍ଠିରଙ୍କୁ ଜୟା ଏକାଦଶୀ ମାହାତ୍ମ୍ୟ ବିଷୟରେ କହିଥିଲେ ଯାହା ପଦ୍ମ ପୁରାଣରେ ବର୍ଣ୍ଣିତ ଅଛି। ଜୟା ଏକାଦଶୀ ମାଘ ମାସ ଶୁକ୍ଳ ପକ୍ଷ ତିଥିରେ ପଡିଥାଏ।


ଥରେ ସ୍ୱର୍ଗପୁରୀରେ ଦେବରାଜ ଇନ୍ଦ୍ରଙ୍କ ସମ୍ମୁଖରେ ଗନ୍ଧର୍ବମାନେ ଗାୟନ ଏବଂ ଅପ୍ସରାଗଣ ନୃତ୍ୟ ପରିବେଷଣ କରୁଥିଲେ। ସେଥିରେ ଜଣେ ଗନ୍ଧର୍ବଙ୍କ ପତ୍ନୀ ପୁଷ୍ପବତୀ ଏବଂ ମାଲ୍ୟବାନ ନାମରେ ଗନ୍ଧର୍ବପୁତ୍ର ପରସ୍ପର ପ୍ରତି ଆକର୍ଷିତ ହୋଇ ନାଚ ଏବଂ ଗୀତରେ ବିଭ୍ରାଟ କଲେ। ତାଙ୍କ ବେଖାପ ନାଚ ଏବଂ ଗୀତରେ ଦେବରାଜ ଇନ୍ଦ୍ର କ୍ରୋଧିତ ହୋଇ ମର୍ତ୍ତ୍ୟ-ମଣ୍ଡଳରେ ପିଶାଚ ଯୋନିରେ ବାସ କରିବା ପାଇଁ ଅଭିଶାପ ଦେଇ ବିତାଡିତ କଲେ। ଦିହେଁ ସ୍ୱର୍ଗପୁରରୁ ବିତାଡିତ ହୋଇ ବଦ୍ରିକାଶ୍ରମ (ଏବେକାର ବଦ୍ରିନାଥ) ପାଖରେ ଅଟକିଲେ ଏବଂ ଜପ-ତପରେ ସମୟ ବିତାଇଲେ। ମର୍ତ୍ତ୍ୟପୁର ଜୀବନରେ ଉଦାସ ହୋଇ ଗୋଟିଏ ଦିନ ଅନ୍ନ, ଜଳ ତ୍ୟାଗ କରି ପ୍ରଭୁ ବଦ୍ରିନାଥଙ୍କୁ ସୁମରଣା କରି ଚାଲିଲେ। ଦିନ ଯାଇ ରାତି ହେଲା। ଏବଂ ପରଦିନ ସକାଳେ ଚମତ୍କାର ଭାବେ ଦିହିଁଙ୍କର ପିଶାଚ ଯୋନିରୁ ମୁକ୍ତି ମିଳିଲା ଏବଂ ସ୍ୱର୍ଗପୁରୀ ଫେରିଯିବା ପାଇଁ ବିମାନ ଆସି ତାକୁ ନେଇଗଲା। ଦୁଇ ଜଣ ଉପବାସ କରିଥିବା ଦିନ ଜୟା ଏକାଦଶୀ ଥିଲା ଏବଂ ରାତ୍ରି ଜାଗରଣ କରି ନାରାୟଣଙ୍କ ଗୁଣଗାନ କରିଥିବାରୁ ପୁନଶ୍ଚ ସ୍ୱର୍ଗପ୍ରାପ୍ତି ହେଲା। ଏହି ଦିନ ଧୂପ, ଦୀପ ଏବଂ ନୈବେଦ୍ୟ ଦ୍ୱାରା ନାରାୟଣଙ୍କ ପୂଜନ କରିବା ସଙ୍ଗେ ଶ୍ରୀଫଳ ଓ ଲଡୁ ସେବନ କରିବା ଉଚିତ।

*ବଜ୍ରକବାଟି ରୋଡ, କଟକ-୧*
*ମୋବାଇଲ: ୯୩୩୮୫୭୦୯୯୩*

## ମନ୍ଦିର ମାଳିନୀ : ଭାଗ-୧୦

# କୋଟିତୀର୍ଥେଶ୍ୱର ମନ୍ଦିର

କେଦାରଗୌରୀ ମନ୍ଦିର ଛକ ନିକଟ ପର୍ଶୁରାମେଶ୍ୱର ମନ୍ଦିର ସାମ୍ନାରେ ଥିବା ଛୋଟିଆ ଗଳି ରାସ୍ତା ଦେଇ ଲିଙ୍ଗରାଜ ମନ୍ଦିରକୁ ଯିବା ବାଟରେ ବାମ ପାର୍ଶ୍ୱରେ ପଡ଼ିଥାଏ କୋଟିତୀର୍ଥେଶ୍ୱର ମନ୍ଦିର। ୧୧ଶହ ଶତାବ୍ଦୀର ଏହା ଏକ ପୁରାତନ ମନ୍ଦିର। କୋଟିତୀର୍ଥେଶ୍ୱର ମନ୍ଦିର ଭିତରେ ଏକ ସୁନ୍ଦର ପୁଷ୍କରିଣୀ ଅଛି। ଏହି ପୁଷ୍କରିଣୀର ନାମ ମଧ୍ୟ ମନ୍ଦିରର ନାମ ଅନୁସାରେ କୋଟିତୀର୍ଥେଶ୍ୱର ପୁଷ୍କରିଣୀ। ଶ୍ରଦ୍ଧାଳୁମାନେ ବିଶ୍ୱାସ କରନ୍ତି କି, ଏହି ପୁଷ୍କରିଣୀରେ ସ୍ନାନ କରି ମନ୍ଦିରରେ ଅବସ୍ଥିତ କୋଟିତୀର୍ଥେଶ୍ୱର ଶିବ ଲିଙ୍ଗଙ୍କୁ ପୂଜା କଲେ କୋଟିଏ ତୀର୍ଥର ଫଳ ପ୍ରାପ୍ତି ସହିତ ଦୁରାରୋଗ୍ୟରୁ ମୁକ୍ତି ମିଳିଥାଏ। ଚୈତ୍ରମାସର ଦମନାଙ୍କ ଚତୁର୍ଦ୍ଦଶୀରେ ମହାପ୍ରଭୁ ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଏଠାକୁ ବିଜେ କରି ପୂଜା ପାଇଥାନ୍ତି।



ଲିଙ୍ଗରାଜ ମନ୍ଦିର ଦର୍ଶନ ଓ ବିନ୍ଦୁସାଗରକୁ ଆସୁଥିବା ଶ୍ରଦ୍ଧାଳୁମାନେ, ଏହି ପୁରାତନ ମନ୍ଦିରକୁ ଆସି କୋଟିତୀର୍ଥେଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାନ୍ତି।

ଜ୍ଞାନ ରଞ୍ଜନ ମିଶ୍ର

# ଗୃହ ବିଭାଗ ଅତିରିକ୍ତ ଖର୍ଚ୍ଚ ଦାବୀ ଆଲୋଚନା, ବିବୃତି ରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ଭିଓଭି): ନୂଆ ସରକାର ନୂଆ ଆଭିମୁଖ୍ୟ ନେଇ ଲୋକଙ୍କ ଧନସମ୍ପତ୍ତି ସୁରକ୍ଷା ଏବଂ ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଉପବିଭାଗଗୁଡିକୁ ଶକ୍ତିଶାଳୀ କରିବା ପାଇଁ ସାଧାରଣ ବଜେଟରେ ବ୍ୟବସ୍ଥା ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗ ଅତିରିକ୍ତ ଖର୍ଚ୍ଚ ଦାବୀ ଆଲୋଚନାରେ ନିଜର ବିବୃତି ରଖିଛନ୍ତି। ଏହାକୁ ଆହୁରି ଆଗକୁ ନେବା ପାଇଁ ଅତିରିକ୍ତ ବଜେଟରେ ଚେଷ୍ଟା ହୋଇଛି। ରାଜ୍ୟ ଶାନ୍ତିଶୃଙ୍ଖଳା ଜାରି ରହିଛି। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ଅଛି। ଭରତପୁର ଥାନା ଘଟଣା ରିପୋର୍ଟ ଖୁବ୍ ଶୀଘ୍ର ଆସିବ । ବିଗତ ୪ ମାସ ମଧ୍ୟରେ ପାର୍ବଣ ଋତୁରେ ସବୁ ଉତ୍ସବ ଶାନ୍ତି ଶୃଙ୍ଖଳାରେ ପରିଚାଳନା ହୋଇଥିବା ସରକାରଙ୍କର ଫୋକସ ଥିଲା ଲୋକମାନେ କେମିତି ନିଜ ସପରିବାର ସହ ଆରାମରେ ବୁଲି ପାରିବେ ସେନେଇ ସରକାରଙ୍କ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟା ଦାନର ସଫଳ ମୁକାବିଲା ହୋଇଛି। ନକ୍ସଲ ଦମନରେ ମଧ୍ୟ ରାଜ୍ୟ ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବ ୨୦୨୬ ମସିହା ସୁଦ୍ଧା ମାଓବାଦୀ ମୁକ୍ତ ହେବ। ଡିଜି ଆଇଜି ସମ୍ମିଳନୀ କେନ୍ଦ୍ର ସରକାରଙ୍କ ପ୍ରଶଂସନୀୟ କାର୍ଯ୍ୟକ୍ରମ ସଫଳ ଭାବେ ଶେଷ ହୋଇଛି। ଆତଙ୍କବାଦୀ ଧମକ ଉପରେ



ସରକାରଙ୍କ ନଜର ଥିଲା। ଆଗକୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭାରତୀୟ ନୌସେନା ଦିବସ ପାଳନ ପାଇଁ ସରକାର ଗମ୍ଭୀରତାର ସହ ନେଇଛନ୍ତି। ଏହାକୁ ସଫଳ କରିବାକୁ ପ୍ରୟାସ ଚାଲିଛି। ପ୍ରବାସୀ ଭାରତୀୟ ଦିବସ ମଧ୍ୟ ପାଳନ ହେବାକୁ ଯାଉଛି। ଭବ୍ୟ ଏବଂ ଦିବ୍ୟ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସଫଳତା ପୂର୍ବକ ସମାପନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହର ବିକାଶ କରାଯିବ। ସାରା ବିଶ୍ୱ ଓଡିଶା ସଂସ୍କୃତି ଏବଂ ଓଡ଼ିଆ ଅସ୍ମିତା ଦେଖିବ। ଗଞ୍ଜାମ ଜିଲ୍ଲାର ପାଟପୁର ଥାନାକୁ ଶ୍ରେଷ୍ଠ ଥାନା ଘୋଷଣା କରିବା ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଏହା ରାଜ୍ୟ ପୁଲିସ ପାଇଁ ଗୌରବର ବିଷୟ। ବାତ୍ୟା ସମୟରେ ଓଡ୍ରାଫ, ଅଗ୍ନିଶମ ବିଭାଗ ନିଷ୍ଠାର ସହ କର୍ତ୍ତବ୍ୟ କରିବାରୁ ଜିରୋ କାଜୁଆଲିଟି ଲକ୍ଷ୍ୟ ହାସଲ ହୋଇଥିଲା । ସରକାରୀ କର୍ମଚାରୀ, ଶ୍ରମିକ ସଂଗଠନ ଆନ୍ଦୋଳନ ବେଳେ ପୁଲିସର ସତର୍କତା ମୂଳକ ପଦକ୍ଷେପ ଯୋଗୁ ଶାନ୍ତିଶୃଙ୍ଖଳା ସହିତ ଶେଷ ହୋଇଛି। ଗତ ୪ ମାସରେ କୌଣସି ଆତଙ୍କବାଦୀ କାର୍ଯ୍ୟକ୍ରମ ନଜରକୁ ଆସିନାହିଁ । ଗତ ୪ ମାସରେ ୬ ମାଓବାଦୀଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଗିରଫ ହୋଇଛନ୍ତି। ସେହିପରି ୨୪ ଜଣ ଆତ୍ମ ସମର୍ପଣ କରିଛନ୍ତି। ମାଓ ଦମନ ପାଇଁ ୩ଟି ଓଏସଏସପିରେ ୩ ହଜାର ୯ ପଦବୀ ପୂରଣ ହୋଇଛି। ଦ୍ରୁତ ଦଣ୍ଡବିଧାନ ପାଇଁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

# ରାଜ୍ୟରେ ପିଆଜ ମିଶନ ଯୋଜନା କାର୍ଯ୍ୟକାରୀ ହେଇନାହିଁ: ମନ୍ତ୍ରୀ


ଭୁବନେଶ୍ୱର, (ଭିଓଭି): ରାଜ୍ୟରେ ପିଆଜ ଦର ଆକାଶଛୁଆଁ । ଏନେଇ ଖାଉଟି ଚିନ୍ତାରେ। ହେଲେ ରାଜ୍ୟ ବିଧାନସଭାରେ ମନ୍ତ୍ରୀ ଯେଉଁ ତଥ୍ୟ ରଖିଛନ୍ତି, ତାହା ସରକାର ଉପରେ ପ୍ରଶ୍ନ ଚିହ୍ନ ଠିଆ କରିଛି । ରାଜ୍ୟରେ ଲୋକଙ୍କ ଆବଶ୍ୟକତାଠୁ ଅଧିକ ପିଆଜ ଉତ୍ପାଦନ ହେଉଛି, ହେଲେ ତା ସତ୍ତ୍ୱେ ବି ପିଆଜ ଦର ବଜାରରେ ୭୦ ଉପରେ ବିକ୍ରି ହେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ବୁଧବାର ବିଧାନସଭା ଶୀତ ଅଧିବେଶନରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପିଆଜ ମିଶନ ଆଉ ରାଜ୍ୟରେ କେତେ ପରିମାଣରେ ପିଆଜ ଉତ୍ପାଦନ ହେଉଛି ସେନେଇ ପ୍ରଶ୍ନ କରିଥିଲେ । ଏହାର ଉତ୍ତର ରଖିଥିଲେ କୃଷି ମନ୍ତ୍ରୀ କେଭି ସିଂହଦେଓ । ହେଲେ ମନ୍ତ୍ରୀଙ୍କ ଉତ୍ତରରୁ ଯେଉଁ ତଥ୍ୟ ଆସିଥିଲା, ତାହା ଅନେକଙ୍କୁ ବିସ୍ମିତ କରିବ। ରାଜ୍ୟରେ ୨୦୨୩-୨୪ ବର୍ଷ ପାଇଁ ବାର୍ଷିକ ହାରାହାରି ୩.୭୫ ଲକ୍ଷ ମେଟ୍ରିକ ଟନ୍ ପିଆଜର ଆବଶ୍ୟକତା ରହିଥିବାବେଳେ, ରାଜ୍ୟରେ ୪.୨୦ ଲକ୍ଷ ମେଟ୍ରିକ ଟନ୍ ପିଆଜ ଉତ୍ପାଦନ ହେଇଥିଲା । ହେଲେ ତା ସତ୍ତ୍ୱେ ବି ଏବେ ବଜାରରେ ପିଆଜ ଦର ୭୦ ପାର୍ କରିଛି । ଅନ୍ୟପଟେ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନରେ ଉତ୍ତର ରଖି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ରାଜ୍ୟରେ ପିଆଜ ମିଶନ ଯୋଜନା କାର୍ଯ୍ୟକାରୀ ହେଇନାହିଁ । ଏଥିପାଇଁ ରାଜ୍ୟ ରାଜକୋଷରୁ ମଧ୍ୟ କୌଣସି ଅର୍ଥ ବରାଦ କରାଯାଇନି। ତେବେ ବର୍ତ୍ତମାନ ମହାରାଷ୍ଟ୍ର, କର୍ଣ୍ଣାଟକ ଆଦି ଅଞ୍ଚଳରେ ପୁରୁଣା ପିଆଜର



ଗଚ୍ଛିତ ପରିମାଣ ହ୍ରାସ ଆଉ ନୂଆ ପିଆଜ ଅମଳରେ ବିଳମ୍ବ କାରଣରୁ ଦାମ ବୃଦ୍ଧି ପାଉଥିବା କୁହାଯାଇଛି। ତେବେ ଗତ ବର୍ଷ ରାଜ୍ୟରେ ଲୋକଙ୍କ ଆବଶ୍ୟକତାଠୁ ଅଧିକ ପିଆଜ ଉତ୍ପାଦନ ହେଇଥିଲେ ବି, ବାକି ବଳକା ପିଆଜ କୁଆଡେ ଗଲା, ତାକୁ ନେଇ ପ୍ରଶ୍ନ ଛିଡା ହେଇଛି । ୪.୨୦ ଲକ୍ଷ ମେଟ୍ରିକ ଟନ୍ ପିଆଜ ଉତ୍ପାଦନ ହେଇଥିଲାବେଳେ, ଲୋକଙ୍କର ଆବଶ୍ୟକ ହେଉଥିଲା ୩.୭୫ ଲକ୍ଷ ମେଟ୍ରିକ ଟନ୍ ପିଆଜ। ହେଲେ ବାକି ପିଆଜ କୁଆଡେ ଗଲା, ତାହା ଏବେ ଆଲୋଚନାର ବିଷୟ।

# ରାଜ୍ୟର ୪ଟି ବିଦ୍ୟୁତ ବିତରକ କମ୍ପାନୀ ଉପରେ ବାକି ପଡ଼ିଛି ୬,୫୮୭ କୋଟି ଟଙ୍କା

ଭୁବନେଶ୍ୱର,(ଭିଓଭି): ରାଜ୍ୟର ୪ଟି ବିଦ୍ୟୁତ ବିତରକ କମ୍ପାନୀ ଉପରେ ବାକି ପଡ଼ିଛି ୬ ହଜାରରୁ ଅଧିକ କୋଟି ଟଙ୍କା। ଏନେଇ ଗୃହରେ ତଥ୍ୟ ରଖି ଲିଖିତ ଉତ୍ତର ଦେଇ କହିଛନ୍ତି ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଏନେଇ ଆଜି ଗୃହରେ ଏକ ଅଣତାରକା ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ, ରାଜ୍ୟର କେଉଁ ବିଦ୍ୟୁତ ଆବଣ୍ଟନ କମ୍ପାନୀ ଓ ଦେଶର କେଉଁ ବିଦ୍ୟୁତ ବଣ୍ଟନ କମ୍ପାନୀ ଉପରେ ସରକାରଙ୍କ କେତେ ପ୍ରାପ୍ୟ ବାକି ଅଛି



ଯାହାର ଉତ୍ତର ଦେଇ ଶକ୍ତି ମନ୍ତ୍ରୀ ତଥା ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ୪ ବିଦ୍ୟୁତ ବିତରକ କମ୍ପାନୀ ଉପରେ ମୋଟ ୬ ହଜାର ୫୮୭ କୋଟି ଟଙ୍କା ବାକି ପଡ଼ିଛି। ତା ଭିତରୁ ସେସୁ ପାଖରେ ୨ ହଜାର ୬୫୧ କୋଟି ବାକି ପଡିଥିବାବେଳେ, ନେସ୍କୋ ପାଖରେ ୯୫୮ କୋଟି, ୱେସ୍କୋ ପାଖରେ ୧ ହଜାର ୬୭୬ କୋଟି ଆଉ ସାଉଥକୋ ପାଖରେ ୧୩୦୦ କୋଟି ଟଙ୍କା ବାକି ପଡ଼ିଛି ।

# ଓଡ଼ିଶାର ଶିକ୍ଷାନୁଷ୍ଠାନ ସମ୍ପର୍କିତ ଡିରେକ୍ଟୋରି ଆମ ସମୟର ଶିକ୍ଷ ଉନ୍ମୋଚିତ

ଭୁବନେଶ୍ୱର, (ଭିଓଭି): ଗଣମାଧ୍ୟମ ଅନୁଷ୍ଠାନ ' ବିଜ୍ଞାପନ ' ଦ୍ୱାରା ପ୍ରକାଶିତ ଓଡ଼ିଶାର ଶିକ୍ଷାନୁଷ୍ଠାନ ସମ୍ପର୍କିତ ଏକମାତ୍ର ଡିରେକ୍ଟୋରି ' ଆମ ସମୟର ଶିକ୍ଷ ' ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ (ୟୁସିସିଆଇଏଲ୍) ପ୍ରେକ୍ଷାଳୟରେ ଉନ୍ମୋଚିତ ହୋଇଛି। ବିଜ୍ଞାପନର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୟୁସିସିଆଇଏଲ୍ ସଭାପତି ଡକ୍ଟର ପ୍ରବୋଧ ମହାନ୍ତି ଏବଂ ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ପଙ୍କଜ ଲୋଚନ ମହାନ୍ତି ଯୋଗଦେଇ ଡିରେକ୍ଟୋରିଟିକୁ ଉନ୍ମୋଚନ କରିଥିଲେ। ଏଇ ସଂକଳନ ଶିକ୍ଷାୟନ ପ୍ରକ୍ରିୟାରେ ଉପଯୋଗୀ ହେବ ବୋଲି ଉଭୟ ଅତିଥି ମତ ପୋଷଣ କରିଥିଲେ।




ଏହି ଅବସରରେ ବିଜ୍ଞାପନର ପ୍ରାଶାସନିକ ନିର୍ଦ୍ଦେଶକ କମଳାକାନ୍ତ ମହାନ୍ତି ଏବଂ ଗ୍ରୁପ ସମ୍ପାଦକ ଦିଲୀପ ମିଶ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଆମ ସମୟର ଶିକ୍ଷ ପୁସ୍ତକରେ ରାଜ୍ୟର ଧାନକଳଠାରୁ ଆରମ୍ଭ କରି ଇସ୍ପାତ କାରଖାନା ପର୍ଯ୍ୟନ୍ତ ସମସ୍ତ ଉତ୍ପାଦନକାରୀ ଶିକ୍ଷାନୁଷ୍ଠାନର ତଥ୍ୟ ରହିଛି। ଏହାଛଡା ବିଲଡର ଏବଂ ଆର୍କିଟେକ୍ଟମାନଙ୍କ ତାଲିକା ମଧ୍ୟ ଅଛି।

ବନ୍ଧନ
ସୁ-ସମ୍ପର୍କ ଗଢେ
ଏଠାରେ ନିମନ୍ତ୍ରଣ କାର୍ଡ ମିଳେ
ବାହାଘର, ବ୍ରତଘର କିମ୍ବା କୌଣସି ଉତ୍ସବର ସମ୍ଭାର।
ନିମନ୍ତ୍ରଣ କାର୍ଡ଼ ଛାପିବାକୁ ଅଛି ଆମ ବନ୍ଧନ ପରିବାର।
WE HAVE NO BRANCH
Ph:- 0674-2310196
Mob:- 8260685257

# ପ୍ରଧାନ ମନ୍ତ୍ରୀ ସଡ଼କ ନିର୍ମାଣ ଦାବୀ କଲେ ୭ ରୁ ଉର୍ଦ୍ଧ ଗ୍ରାମବାସୀ



ଫିରିଙ୍ଗିଆ,(ଭିଓଭି):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଆଜି ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ଉପାନ୍ତ ଅଞ୍ଚଳକୁ ସରକାରଙ୍କ ବିଭିନ୍ନ ଯୋଜନା ଠିକ ଭାବରେ ପହଞ୍ଚି ପାରି ନାହିଁ। ଗମନାଗମନ, ଶିକ୍ଷା ବ୍ୟବସ୍ଥା ହେଉ କି ସ୍ୱାସ୍ଥ୍ୟ ସେବା ଲୋକଙ୍କ ସୁବିଧା ପାଇଁ ପହଞ୍ଚି ପାରୁନଥିବାରୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫିରିଙ୍ଗିଆ ବ୍ଲକ ନୁଆଁ ପଦର ପଞ୍ଚାୟତର ଜାର୍ଗୀ ପଡା ଅନ୍ତର୍ଗତ ପ୍ରାୟ ୭ ରୁ ଉର୍ଦ୍ଧ ଗ୍ରାମର ପ୍ରାୟ ୫ ସହରୁ ଉର୍ଦ୍ଧ ଜନସାଧାରଣ ଆଜି ପର୍ଯ୍ୟନ୍ତ ଯାତାୟତ ପାଇଁ ଠିକ ରାସ୍ତାଟିଏ ନଥିବାରୁ ଯିବା ଆସିବାରେ ବହୁତ ଅସୁବିଧା ଭୋଗୁଛନ୍ତି। ସ୍କୁଲ ସାହି, ପୁରୁଣା ସାହି, ଶ୍ରାମ୍ବୁ ପଡା, ଡାଡାକା ପଡା, ମାଣୀଜାଲା, ପାଗାଷ ପାଙ୍ଗା, ଭଳି ପ୍ରାୟ ୭ ଟି ଗ୍ରାମ ବାସୀଙ୍କ ପାଇଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଛାତ୍ର ଛାତ୍ରୀଙ୍କ ପାଠ ପଢିବା ପାଇଁ ମଧ ପାଖା ପାଖି ୪ କିଲୋମିଟର ଖାଲ ଖମା ରାସ୍ତା ଦେଇ ବର୍ଷ ତମାମ ଯିବାକୁ ପଡିଥାଏ। ବର୍ଷା ଦିନ ଆସିଲେ ପାଠ ପଢୁଥିବା ଛାତ୍ର ଛାତ୍ରୀ ଏମିତି କି ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ପାଇଁ ମଧ ନୁଆଁ ପଦର ଉପରେ ନିର୍ଭର କରୁଥିବା ବେଳେ କାଦୁଅ ପଚ ପଚ ରାସ୍ତା ଏବଂ ଖାଲ ଖମା ରାସ୍ତା ଯୋଗୁଁ ଯାତାୟତ ପାଇଁ ବହୁ ଅସୁବିଧା ହେଉଥିବା ସମୂହ ଗ୍ରାମ ବାସି ଅଭିଯୋଗ କରିଛନ୍ତି। ମେଡିକାଲ ପାଇଁ ଜରୁରୀ ପରିସ୍ଥିତି ରେ ଯିବାକୁ ହେଲେ ବୁଲି ବୁଲି କୁଟି ଗୁଡା ଦେଇ ଯିବାକୁ ପଡୁଛି। ଏହି ଗାଁ ମାନଙ୍କ ମଧରେ ଗୋଟିଏ ଅଙ୍ଗନବାଡି ସହ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଅଛି କିନ୍ତୁ ରାସ୍ତା ସମସ୍ୟା ଅଞ୍ଚଳର ମୁଖ୍ୟ ସମସ୍ୟା ପାଲଟିଛି । ଗ୍ରାମ ବାସୀଙ୍କ କହିବା ମୁତାବକ ରବିଙ୍ଗିଆ ଠାରୁ ଜାର୍ଗୀ ପଡା ଦେଇ କୁଇଲାରୀ ପର୍ଯ୍ୟନ୍ତ ଯାଇଥବା ରାସ୍ତାରେ ପ୍ରାୟ ୫୦ ବର୍ଷ ହେବ ଆଜି ପର୍ଯ୍ୟନ୍ତ କୌଣସି ରାସ୍ତା ମରାମତି ହୋଇନଥିବା ବେଳେ ମାଟି ମୁଠାଏ ମଧ ପଡ଼ି ନାହିଁ। ଯାହା ଦ୍ୱାରା ଏହି ରାସ୍ତା ଖାଲ ଖମା ହୋଇ ରହିଛି। ସରକାରଙ୍କ ତରଫରୁ ଆଜି ପର୍ଯ୍ୟନ୍ତ କୌଣସି ଦୃଷ୍ଟି ପଡ଼ିନଥିବା ବେଳେ ଗ୍ରାମ ବାସୀଙ୍କ ତରଫରୁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଜିଲ୍ଲା ପାଳ ଏବଂ ଏମିତି କି ବିଧାୟକ, ସାଂସଦଙ୍କୁ ଲିଖିତ ଭାବରେ ଦେଇଥିଲେ ମଧ କୌଣସି ରାସ୍ତାଟିଏ ନିର୍ମାଣ ହୋଇ ପାରି ନାହିଁ। ସମୂହ ଗ୍ରାମର ପ୍ରଦୀପ ମଲିକ, ଦୀନବନ୍ଧୁ ମଲିକ, ସୁଗ୍ରୀ ମଲିକ, ଦିବାକର ମଲିକ, ଉଦୟ ନାଥ ମଲିକ, ଅନିତା ମଲିକ, ସାବିତା ମଲିକଙ୍କ ସହ ଅଞ୍ଚଳ ବାସି ରବିଙ୍ଗିଆ ବସ ଷ୍ଟାଣ୍ଡ ନିକଟରୁ ଜାର୍ଗୀ ପଡା ଦେଇ କୁଇଲାରୀ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟରରୁ ଉର୍ଦ୍ଧ ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରି ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଦାବୀ କରିଛନ୍ତି। ସରକାର ତୁରନ୍ତ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ରାସ୍ତା ନିର୍ମାଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ଜାର୍ଗୀ ପଡା ଅଞ୍ଚଳର ୭ ରୁ ଉର୍ଦ୍ଧ ଗ୍ରାମବାସୀ।

## ଅଧାରୁ ବନ୍ଦ ରହିଛି ପାଦଚଲା ପୋଲ କାମ

ଭଣ୍ଡାରିପୋଖରୀ (ଭିଓଭି): ଭଣ୍ଡାରିପୋଖରୀ ଥାନା ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥର ପାଇମହୁରା ଛକ ଠାରେ ପ୍ରସ୍ତାବିତ ପାଦ ଚଲା ପୋଲ କାମ ଦୀର୍ଘ ମାସ ହେବ ବନ୍ଦ ରହିଛି। ଫଳରେ ଦୀର୍ଘ ବର୍ଷ ଧରି ଲୋକମାନେ କରିଥିବା ଦାବି ଏଯାଏଁ ପୂରଣ ହୋଇପାରୁନି। ସୂଚନା ଅନୁସାରେ ଜାତୀୟ ରାଜପଥର ଯେତେବେଳେ ୬ଲାଇନ ବିଶିଷ୍ଟ ପ୍ରଶସ୍ତିକରଣ କାର୍ଯ୍ୟ ହେଲା ସେତେବେଳେ ଗୁରୁତ୍ୱଦୃଷ୍ଟିରୁ ପାଇମହୁରା ଛକ ଠାରେ ଏକ ଓଭର ବ୍ରିଜ ନିର୍ମାଣ ପାଇଁ ଲୋକେ ଦାବି କରିଥିଲେ। ଧାମନଗର ଛକ ଠାରେ ଏକ ଓଭରବ୍ରିଜ ନିର୍ମାଣ ହୋଇଥିବା ବେଳେ ମାତ୍ର ଏକ କିମି ବ୍ୟବଧାନ ମଧ୍ୟରେ ଆଉ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ମନା କରିଥିଲେ। ତେଣୁ ଅନେକ ରାଜନୈତିକ ନେତୃବୃନ୍ଦ ଓ ହଜାର ହଜାର ଜନସାଧାରଣଙ୍କ ଦାବିକୁ ସମ୍ମାନ ଦେଇ ଏଠାରେ ଏକ ପାଦଚଲା ପୋଲ ନିର୍ମାଣ ପାଇଁ ରାଜପଥ ସଂସ୍ଥା ସ୍ୱୀକୃତି ପ୍ରଦାନ କରିଥିଲା। ତଦନୁଯାୟୀ ପ୍ରାୟ ୨କୋଟି ଟଙ୍କା



ବ୍ୟୟବରାଦ ହୋଇ ଟେଣ୍ଡର କାର୍ଯ୍ୟ ଶେଷ ହେବାପରେ କାମ ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗର ଏକ ଠିକାସଂସ୍ଥା ନାମରେ କାର୍ଯ୍ୟାଦେଶ ରହିଥିବା ବେଳେ କାମ କେବଳ ଲୁହା ପିଲର ନିର୍ମାଣରେ ସୀମିତ ରହିଛି। ଚୁକ୍ତିପତ୍ର ଅନୁଯାୟୀ ଚାରିମାସ ମଧ୍ୟରେ କାମ ଶେଷ ପାଇଁ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଏଯାଏଁ ଏହା ୩୦ପ୍ରତିଶତରୁ ଅଧିକ ଆଗେଇ ପାରିନାହିଁ। ଏହି ରାସ୍ତା ଦେଇ ପାଇମହୁରା ଠାରୁ ଆରମ୍ଭ କରି ମଞ୍ଜୁରୀରୋଡ ଯାଏଁ ପ୍ରାୟ ୫/୭ଗୋଟି ପଞ୍ଚାୟତର ଲୋକେ ଯାତାୟତ କରୁଥିବା ବେଳେ ୬ଲାଇନ ରାଜପଥକୁ ଅତିକ୍ରମ କରିବା ବିପଦସଂକୁଳ ହୋଇପଡୁଛି। ଏହାଛଡା ନିକଟରେ ଥିବା ସିଟି ସ୍କୁଲର ଛାତ୍ରଛାତ୍ରୀ ମାନେ ମଧ୍ୟ ବିପଦସଂକୁଳ ଜାତୀୟ ରାଜପଥ ଉପରେ ଯାତାୟତ କରୁଛନ୍ତି। ତେଣୁ ଯଥାଶୀଘ୍ର ପୋଲ କାର୍ଯ୍ୟ ଶେଷ ହେଲେ ସମସ୍ତଙ୍କ ପାଇଁ ଏହା ମଙ୍ଗଳ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି। ଏହାସତ୍ୱେ କେଉଁ କାରଣ ପାଇଁ ଦୁଇତିନି ମାସ ହେବ କାମ ବନ୍ଦ ରହିଛି ତାହା ଜଣାନପଡିଥିଲେ ସୁଦ୍ଧା ଏହା ଉପରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ବୃଦ୍ଧିଜୀବୀ ମାନେ ଦାବି କରିଛନ୍ତି।

## କାଶୀପୁର ଠାରୁ ଡୁମେରପଦର ମୁଖ୍ୟ ରାସ୍ତାର ନବୀକରଣ ଓ ସଂପ୍ରସାରଣ କାର୍ଯ୍ୟରେ ନିମ୍ନମାନ ଅଭିଯୋଗ

ରାୟଗଡା (ଭିଓଭି): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଠାରୁ ସଂଯୋଗ କରୁଥିବା ଡୁମେରପଦର ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତାର ନବୀକରଣ ଓ ସଂପ୍ରସାରଣ କରାଯାଉଥିବା କାର୍ଯ୍ୟ ଅତି ନିମ୍ନମାନରେ ଆଗେଇ ଚାଲୁଥିବା ନେଇ ଅଭିଯୋଗ ସାମ୍ନାନାକୁ ଆସିଛି। ପିଡବ୍ଲୁଡି ବିଭାଗ ଦ୍ୱାରା ୨୫ କୋଟି ଟଙ୍କା ବ୍ୟୟବରାଦ ହେଉଥିବା ଏହି ରାସ୍ତାରେ ନିମ୍ନମାନର ବାଲି,ଚିପ ବଦଳରେ ସ୍ଥାନେ ସ୍ଥାନେ ମେଟାଲ ବ୍ୟବହାର କରାଯାଉଛି। ରାସ୍ତାର ସମତୁଲ ଆଣିବା ନେଇ ମୁରୁମ ବିଛାଇବା। ବଦଳରେ ନାଲିମାଟି ପକାଯାଇ ସମତୁଲ କରାଯାଉଛି। ହେଲେ ଉକ୍ତ କାର୍ଯ୍ୟରେ ବିଭାଗୀୟ ଅଧିକାରୀ କିମ୍ବା ଠିକା ସଂସ୍ଥାର ଅଧିକାରୀ ଙ୍କର ଦେଖା ଦର୍ଶନ ନଥିବା ବେଳେ କେଉଁ ଭଳି ଭାବରେ ରାସ୍ତା ନିର୍ମାଣ ଆଗେଇ ଚାଲୁଛି ତାହା ଜନସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରୁଅଛି। ଏହାଛଡା ସର୍ବସାଧାରଣ ଏହି ରାସ୍ତାରେ କେତେ ଟଙ୍କା ଖର୍ଚ୍ଚ ହେବ ତାହା ମଧ ଜଣିପାରିନାହାଁନ୍ତି। ଲୋକେ ସୂଚନା ପାଇବା ପାଇଁ ବିଭାଗ ନିୟମ ଅନୁସାରେ ପ୍ରଥମେ ସୂଚନା ଫଳକ ଲାଗାଇବା ପରେ କାର୍ଯ୍ୟ ଆରମ୍ଭ କରିବା ବଦଳରେ ମନଇଛା ଠିକା ସଂସ୍ଥା ତାଙ୍କ କାମ କରୁଥିବା ଅତି ଦୁଃଖର ବିଷୟ ବୋଲି ବୁଦ୍ଧିଜୀବୀ ଙ୍କ ମହଲରେ ଆଲୋଚନା ହେଉଥିବା ଜଣାଯାଏ। ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲେ ତାହାହେଲେ ଅଳ୍ପ ଦିନ ମଧ୍ୟରେ ରାସ୍ତା ଭୁଷୁଡି ଯିବା ସମ୍ଭାବନା କୁ କୌଣସି ବ୍ୟକ୍ତି ଅସ୍ୱୀକାର କରିପାରିବେ ନାହିଁ। ଗମନାଗମନ ସୁବିଧା ସୁଯୋଗ ସୃଷ୍ଟି କରିବା ଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ଲାଭଖୋର ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର ମିଳିତ ମଧୁଚନ୍ଦ୍ରୀକାରେ ରାଜ କୋଷରୁ କୋଟି କୋଟି ଟଙ୍କା ହରିଲୁଟ ଭଳି ଘଟଣା ସମ୍ପର୍କରେ କୌଣସି ଉଚ୍ଚ ସ୍ତରୀୟ କର୍ମଚାରୀ ଟେରପାଇପାରୁନ ଥିବା ସୁଯୋଗ ନେଇ ଠିକା ସଂସ୍ଥା କର୍ମଚାରୀ ମନଇଛା ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ମାଲାମାଲା ହେଉଥିବା ଅଭିଯୋଗ ହେଉଅଛି।

## ଢେଙ୍କାନାଳ ଜିଲ୍ଲାରେ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ହାର ବୃଦ୍ଧି, ନିରବଦ୍ରଷ୍ଟା ଆଶା, ଅଙ୍ଗନବାଡି କର୍ମୀ, ପ୍ରଶାସନ ଚୁପ୍

ଢେଙ୍କାନାଳ : ଢେଙ୍କାନାଳ ଜିଲ୍ଲାରେ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ହାର । ପ୍ରଶାସନ ଓ ଶିଶୁ ସୁରକ୍ଷା ବିଭାଗ ସବୁ ଜାଣିଶୁଣି ଚୁପ୍ ବସିଛନ୍ତି। ସେହିପରି ଗାଁ ଗାଁ ରେ ବାଲ୍ୟ ବିବାହ ଚାଲୁଥିଲେ ମଧ ଆଶା ଓ ଅଙ୍ଗନବାଡି କର୍ମୀମାନେ ନିରବଦ୍ରଷ୍ଟା ସାଜିଥିବା ଜଣାପଡିଛି। ୨୦୧୧ ଜନଗଣନା ଅନୁସାରେ ଜିଲ୍ଲାରେ ୧୧ଲକ୍ଷ ୯୨ ହଜାର ୯୪୮ ଲୋକ ବସବାସ କରୁଥିବା ବେଳେ ପୁରୁଷଙ୍କର ସଂଖ୍ୟା ୬ଲକ୍ଷ ୧୨ହଜାର ୫୯୭ ବେଳେ ମହିଳା ମାନଙ୍କ ସଂଖ୍ୟା ୫ ଲକ୍ଷ ୮୦ ହଜାର ୩୫୧ ବୋଲି ପରିସଂଖ୍ୟାନରୁ ଜଣାପଡିଛି। ପୁରୁଷ ସାକ୍ଷରତା ହାର ୮୭ ପ୍ରତିଶତ ରହିଥିବା ବେଳେ ମହିଳା ମାନଙ୍କ ସାକ୍ଷରତା ହାର ୭୧ ପ୍ରତିଶତ ରହିଛି। ୨୦୧୧ ଜନଗଣନା ବେଳକୁ ଜିଲ୍ଲାରେ ପ୍ରତି ୧ ହଜାର ପୁରୁଷରେ ୯୪୭ ମହିଳା ଥିବାର ଜଣାପଡ଼ିଛି। ଜିଲ୍ଲାରେ କ୍ରମାଗତ ଭାବେ କନ୍ୟା ସନ୍ତାନ ହ୍ରାସ ପାଉଥିବା ବେଳେ ଏହାକୁ ନେଇ ଉଦବେଗ ପ୍ରକାଶ ପାଇଛି। ମୂଖ୍ୟତଃ ଦାରିଦ୍ର୍ୟତା, ନିରକ୍ଷରତା, ଅନ୍ଧ ବିଶ୍ୱାସ ଯୋଗୁ ବାଲ୍ୟ ବିବାହ ବୃଦ୍ଧି ପାଇଛି। ଏହି ସଂଖ୍ୟା ଗ୍ରାମାଞ୍ଚଳରେ ଅଧିକ ଥିବା ବେଳେ ଆଶା, ଅଙ୍ଗନବାଡି କର୍ମୀମାନେ ନିରବଦ୍ରଷ୍ଟା ସାଜିଛନ୍ତି। ଢେଙ୍କାନାଳ ଜିଲ୍ଲାରେ ୨୦୨୩-୨୪ରେ ୫୦ ଟି ବାଲ୍ୟ ବିବାହ ମାମଲା ରୁଜୁ କରାଯାଇଥିବାର ରେକର୍ଡ ରହିଥିବା ବେଳେ ୨୦୨୪-୨୫ ନଭେମ୍ବର ସୁଦ୍ଧା ୨୫୮ ଟି ବାଲ୍ୟ ବିବାହ ଉଦ୍ୟମକୁ ପଣ୍ଡ କରାଯାଇଥିବାର ତଥ୍ୟ ରହିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ଏହି ତଥ୍ୟ ଅତ୍ୟନ୍ତ ଉଦବେଗଜନକ ବୋଲି ଜଣାପଡିଛି। ବାଲ୍ୟ ବିବାହ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜିଲ୍ଲା ବିଶ୍ୱ ଯୁବ କେନ୍ଦ୍ର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯାହା କୈଳାସ ସତ୍ୟାର୍ଥୀ ଚିଲଡେନ୍ ଫାଉଣ୍ଡେସନଙ୍କ ସହଯୋଗରେ ବାଲ୍ୟ ବିବାହ, ଶିଶୁ ଯୌନ ନିର୍ଯାତନା, ଶିଶୁ ଚାଲାଣ ପ୍ରତିରୋଧ କରିବା ପାଇଁ ଗୋଷ୍ଠୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ସଚେତନତା ସୃଷ୍ଟି କରିବା ସହିତ ସ୍ଥାନୀୟ ପ୍ରଶାସନର ସହଯୋଗରେ ଶିଶୁ ସୁରକ୍ଷା ଉପରେ ସିଧାସଳଖ ଭାବେ କାର୍ଯ୍ୟ କରୁଅଛି। ୨୦୨୩-୨୪ ମସିହା ଠାରୁ ଅଦ୍ୟାବଧି ପ୍ରାୟ ୩୦୦ ବାଲ୍ୟ ବିବାହ ବନ୍ଦ କରିବା ସହିତ ପ୍ରାୟ ୨୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି ଓ ଶିଶୁ ଯୌନ ନିର୍ଯ୍ୟାତନା ପାଇଁ ଶିଶୁ ଓ ଅଭିଭାବକ ମାନଙ୍କୁ ଆଇନଗତ ସହାୟତା ଯୋଗାଇ ଦିଆଯାଇଛି। ଗତ ସେପ୍ଟେମ୍ବର ୨୦୨୪ ରେ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ଥାନୀୟ ପ୍ରଶାସନ, ସରକାର, ପଞ୍ଚାୟତ, ନିର୍ବାଚିତ ପ୍ରତିନିଧିମାନଙ୍କୁ ବାଲ୍ୟ ବିବାହ ରୋକିବାକୁ କ୍ଷମତା ପ୍ରଦାନ କରାଯିବା ସହିତ ଗ୍ରାମାଞ୍ଚଳରେ ଓ ସହରାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭାରତ ସରକାରଙ୍କ ତରଫରୁ ଗତ ୨୭ନଭେମ୍ବର ୨୦୨୪ ତାରିଖରେ ବାଲ୍ୟ ବିବାହ ନିରୋଧ ନିମନ୍ତେ ଏକ ଅଭିଯାନ ଆରମ୍ଭ କରାଯାଇଛି। ସେଥିପାଇଁ ରାଜ୍ୟ ସରକାରମାନଙ୍କୁ ୨୦୩୦ ମସିହା ସୁଦ୍ଧା ସମ୍ପୁର୍ଣ୍ଣ ବାଲ୍ୟ ବିବାହ ରୋକିବାକୁ ଦାୟିତ୍ୱ ଦିଆଯାଇଛି। ତେବେ ବି ଜିଲ୍ଲାରେ ବାଲ୍ୟ ବିବାହ ଗାଁ ଗାଁ ରେ ଏବେ ମଧ ପ୍ରଚଳିତ ରହିଛି। ବ୍ୟାପକ ସଚେତନତା ଏବଂ ଆଇନ କଠୋର ନ ହେବା ଯୋଗୁଁ ଏହା ବୃଦ୍ଧି ପାଇବାରେ ଲାଗିଛି।

## ଶିକ୍ଷକ ବଦଳି ପ୍ରତିବାଦରେ ସ୍କୁଲରେ ତାଲା ବନ୍ଦ ଆନ୍ଦୋଳନ

ଜଗତସିଂହପୁର (ଭିଓଭି): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଚର୍ଚ୍ଚିକା ଈ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାମଚନ୍ଦ୍ର ପୁର ଏହି ବିଦ୍ୟାଳୟରେ ୭୧ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୨ ଜଣ ଶିକ୍ଷକ ଥିଲେ। ଶିକ୍ଷା ବର୍ଷ ମଧ୍ୟରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଯଶୋବନ୍ତୀ ରାଉତଙ୍କୁ ସି ଆର ସ ସି ଭାବେ ବଦଳି କରାଯାଇଥିଲା ସେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ବିଜ୍ଞାନ ଓ ଗଣିତ ପଢ଼ାଉଥିଲେ। ତାଙ୍କ ବଦଳି ପରେ ଦୁଇଟି ଶ୍ରେଣୀ ପାଇଁ ଜଣେ ଶିକ୍ଷୟିତ୍ରୀ ଅଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ଙ୍କ ଚିଠି ନବର ୨୦୧୦ / ୧୨-୧୧-୨୦୨୪ ରେ ସିଦ୍ଧେଶ୍ୱରୀ ସରକାରୀ ଉ. ପ୍ରା ବିଦ୍ୟାଳୟ ର ସଂଜୟ କୁମାର ବେହେରାଙ୍କୁ ଡେପୁଟେସନରେ ଅଣାଯାଇଥିଲା ସେ ଗଣିତ ଓ ବିଜ୍ଞାନ ପଢ଼ାଉଥିଲେ। ସୋମବାର ମଣ୍ଡଳ ଶିକ୍ଷା ଅଧିକାରୀ ପୁନର୍ବାର ତାକୁ ସିଦ୍ଧେଶ୍ୱରୀ ଉପ୍ରା ବିଦ୍ୟାଳୟ କୁ ଫେରାଇ ନିଆଯାଇଥିଲା। ଏହି ବିଦ୍ୟାଳୟରେ ଥିବା ଏକମାତ୍ର ଶିକ୍ଷୟିତ୍ରୀ



ବନ୍ଦନା ନାୟକଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରାଯାଇନାହିଁ। ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଅଭିଭାବକ ଏସ ଏମ୍ ସି ର ସଭ୍ୟ ସଭ୍ୟା ତଥା ଗ୍ରାମବାସୀ ମାନେ ବିଦ୍ୟାଳୟ ଗେଟ ରେ ତାଲା ବନ୍ଦ କରି ଧାରଣା ରେ ବସି ରହିଛନ୍ତି। ଯେପର୍ଯ୍ୟନ୍ତ ବିଦ୍ୟାଳୟ କୁ ଜଣେ ନିୟମିତ ଗଣିତ ଓ ବିଜ୍ଞାନ ଶିକ୍ଷକ ନିଯୁକ୍ତି ନ ପାଇଛନ୍ତି। ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସରପଞ୍ଚ ବଟକୃଷ୍ଣ ନାୟକ, ସମିତି ସଭ୍ୟା ଶାନ୍ତି ଲତା ଦ୍ୱିବେଦୀ, ଏସ ଏମ୍ ସି ପ୍ରେସିଡେଣ୍ଟ ଦୀପାଞ୍ଜୀଳୀ ନାୟକ , ନିରଂଜନ ବେହେରା , ଅରୁଣ ଜେନା , ରାଜଲକ୍ଷ୍ମୀ ସ୍ୱାଇଁ, ନରେନ୍ଦ୍ର ଦାଶ, କବିତା ଦାସ, କଳ୍ପନା ନାୟକ, ନିରଂଜନ ବେହେରା, ଅତିଥି ଜେନା, ଦିପକ କୁମାର ସେଠୀ, ଭାରତୀ ସେଠୀ, ଅଂଜନା ମଲିକ, ଇ ବାବାଜୀ ଚରଣ ଜେନା , ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ନାରିକେଳ କଙ୍କଡା

**ଜୀବଜଗତ**



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ନଡ଼ିଆଗଛରୁ, ନଡ଼ିଆ ତୋଳିବା ପାଇଁ ଜଣେ ପ୍ରଶିକ୍ଷିତ ଚମାରର ଆବଶ୍ୟକତା ପଡ଼ିଥାଏ । ମାଙ୍କଡ଼ଙ୍କୁ ସ୍ୱତନ୍ତ୍ର ତାଲିମ ଦେଇ, ଆମ ଦେଶର କେରଳ ରାଜ୍ୟ , ଥାଇଲାଣ୍ଡ, ଫିଲପାଇନ୍ସ ଓ ଅନ୍ୟାନ୍ୟ ଦେଶମାନଙ୍କରେ ନଡ଼ିଆ ତୋଳିବା କାର୍ଯ୍ୟରେ ନିୟୋଜିତ କରାଯାଏ । ବନ୍ଧୁମାନେ ଶୁଣି ଆଶ୍ଚର୍ଯ୍ୟ ହେବେଯେ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର କଙ୍କଡା, ନଡ଼ିଆ ଗଛକୁ ଚଢ଼ି, ନଡ଼ିଆ ତୋଳିବାରେ ବେଶ ଧୁରନ୍ଧର ।

ଏମାନେ ନିଜର ଖାଦ୍ୟ ସଂଗ୍ରହ ପାଇଁ , ଗଛ ଉପରକୁ ଚଢ଼ି ସେମାନଙ୍କ ତୀକ୍ଷ୍ଣ ଧାରୁଆ ପଞ୍ଝାରେ ନଡ଼ିଆ କାନ୍ଦିକୁ କାଟି ତଳେ ପକାଇଥାନ୍ତି । ଗଛରୁ ଓହ୍ଲାଇ ଆସି ସେଗୁଡ଼ିକ ବୋହି ନେଇ ନିଜ ଘରେ ସାଇତି ରଖନ୍ତି । ନଡ଼ିଆ ଏମାନଙ୍କ ମୁଖ୍ୟ ଭୋଜନ । ଏହାକୁ ନାରିକେଳ କଙ୍କଡା (Coconut Carb) ବା ଡାକୁ କଙ୍କଡା (Robber Carb) କୁହାଯାଏ । ଭାରତ ମହାସାଗର ଓ ପ୍ରଶାନ୍ତ ମହାସାଗର, ଅନ୍ତର୍ଗତ ଦ୍ୱୀପପୁଞ୍ଜ ମାନଙ୍କରେ ଏମାନେ ଦୃଶ୍ୟମାନ ହୁଅନ୍ତି । ଏହାର ବୈଜ୍ଞାନିକ ନାମ Birgus Latro ।

ସାରା ଦୁନିଆରେ ଉପଲବ୍ଧ ହେଉଥିବା ୮୫୦ ପ୍ରଜାତିର କଙ୍କଡ଼ା ଭିତରୁ କୋକାନଟ କ୍ରାବ ଅନ୍ୟତମ । ଏହି ଦୈତ୍ୟକାୟ ନାରିକେଳ କଙ୍କଡାର ଲମ୍ବା ୧ ମିଟର ଓ ଓଜନ ୪.୫ କିଲୋଗ୍ରାମ । ଏହାର ଗୋଡଗୁଡିକ ପ୍ରାୟ ୩ ଫୁଟ ପର୍ଯ୍ୟନ୍ତ ଲମ୍ବା ହୋଇଥାଏ । ଏହାର ଶକ୍ତିଶାଳୀ ପଞ୍ଝାରେ ୩୩୦୦ ନ୍ୟୁଟ୍ରନ ଶକ୍ତି ଥାଏ । ପଞ୍ଝା ସାହାଯ୍ୟରେ, ସେ ଏକକାଳୀନ ୨ଟି ନଡ଼ିଆକୁ ଧରି କ୍ଷୀପ୍ରଗତିରେ ଚାଲି ଯାଇପାରେ ।

ଏହାର ଅସଂଖ୍ୟ ମୁନିଆ କଣ୍ଟା ସଦୃଶ୍ୟ ଦାନ୍ତ ଥାଏ । ଏହା ସାହାଯ୍ୟରେ ସେ ଅକ୍ଳେଶରେ ନଡ଼ିଆର ଶକ୍ତ ଆବରଣକୁ ଭାଙ୍ଗି ଦେଇପାରେ । ନଡ଼ିଆ ଏହାର ମୁଖ୍ୟ ଆହର ହେଲେ ବି ବେଳେବେଳେ ଏହା ଛୋଟଛୋଟ ପଶୁ ଓ ସାମୁଦ୍ରିକ ପକ୍ଷୀମାନଙ୍କୁ ଶିକାର କରେ । ପଚାସଢା ଫଳ, ପତ୍ର ଏପରିକି ଅନ୍ୟ କଙ୍କଡ଼ାକୁ ମଧ୍ୟ ଏମାନେ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି ।

ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗର ଦ୍ୱୀପପୁଞ୍ଜ ବ୍ୟତୀତ ଆଲାବ୍ରା , ସାଉଥ ଆଫ୍ରିକା ନିକଟବର୍ତ୍ତୀ ଜାଞ୍ଜିବର ଉପକୂଳ, ଅଷ୍ଟ୍ରେଲିଆର ଖ୍ରୀଷ୍ଟମାସ ଆଇଲ୍ୟାଣ୍ଡ ଏବଂ ମାଡ଼ଗାସାର ଅଞ୍ଚଳରେ ବହୁସଂଖ୍ୟାରେ ନାରିକେଳ କଙ୍କଡା ଦେଖାଯାନ୍ତି । ଏମାନେ ଉଭୟଚର ପ୍ରାଣୀ ହେଲେବି ସ୍ଥଳଭାଗରେ ଅଧିକାଂଶ ଜୀବନକାଳ ବିତାଇଥାନ୍ତି । ନୀକାଞ୍ଚନ ଦ୍ୱୀପ ସମୂହ ଓ ସମୁଦ୍ର ଉପକୂଳବର୍ତ୍ତୀ ଜଙ୍ଗଲରେ ରହିବାକୁ ପସନ୍ଦ କରିଥାନ୍ତି । ଏମାନେ ପର୍ଯ୍ୟାପ୍ତ ନଡ଼ିଆ ଗଛଥିବା ଅଞ୍ଚଳକୁ ପ୍ରାଥମିକତା ଦିଅନ୍ତି ।

ଏମାନଙ୍କ ପରମାୟୁ ୪୦ ରୁ ୬୦ ବର୍ଷ । ରଙ୍ଗ ବାଇଗଣୀ,ନୀଳ ଓ ଉଜ୍ଜ୍ୱଳ ଲାଲରଙ୍ଗର ହୋଇଥାଏ । ବୟସ ବଢ଼ିବା ସହିତ ଏମାନଙ୍କ ଶରୀରର ରଙ୍ଗରେ ମଧ୍ୟ ପରିବର୍ତ୍ତନ ଘଟିଥାଏ । ଏମାନେ ଜନବସତି ଠାରୁ ଦୂରରେ ରହିବାକୁ ପସନ୍ଦ କରନ୍ତି । କାରଣ ମଣିଷ ହିଁ ଏମାନଙ୍କର ଏକମାତ୍ର ଶତ୍ରୁ । ଏହାର ଧଳାମାଂସର ସ୍ୱାଦ ସାଧାରଣ କଙ୍କଡାଠାରୁ ଅଧିକ । ଏହାର ମାଂସରୁ ମଧ୍ୟ ନଡ଼ିଆର ବାସ୍ନା ଆସିଥାଏ ।



୨୦ କିଲୋଗ୍ରାମ ଓଜନ ବିଶିଷ୍ଟ ଜାପାନର ସ୍ପାଇଡର କଙ୍କଡା ବିଶ୍ୱର ସବୁଠାରୁ ବଡ କଙ୍କଡା ରୂପେ ଗଣାଯାଏ ।ତେବେ ସେମାନେ କେବଳ ସମୁଦ୍ର ଭିତରେ ବିଚରଣ କରନ୍ତି । ନାରିକେଳ କଙ୍କଡାକୁ ଭୂଭାଗର ବୃହତ୍ତମ କଙ୍କଡାର ମାନ୍ୟତା ଦିଆଯାଏ । ଏମାନେ ସମୁଦ୍ର ତଟୀୟ ଇଲାକାରେ ଗାତଖୋଳି ନିଜପାଇଁ ଏକ ପ୍ରସସ୍ଥ ଘର ତିଆରି କରନ୍ତି ।

କେତେକ କଙ୍କଡା ପାହାଡ ଖୋଲରେ ନିଜର ବସା ବାନ୍ଧିଥାନ୍ତି । ପୁରୁଷ କଙ୍କଡା ଅପେକ୍ଷାକୃତ ବଡ଼ ଦେଖାଯାନ୍ତି । ଏମାନେ ୫ ବର୍ଷ ବୟସରେ ବୟସ୍କ ହୁଅନ୍ତି । କେବଳ ମିଳନଋତୁ ବ୍ୟତୀତ ଏମାନେ ଏକୁଟିଆ ରହନ୍ତି । ମିଳନ ଋତୁ ମେ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ହୋଇଥାଏ । ଏକମାସ ମଧ୍ୟରେ ଅଣ୍ଡା ଫୁଟି ଲାର୍ଭାରେ ପରିବର୍ତ୍ତିତ ହୁଅନ୍ତି । ମାତା କଙ୍କଡା ପରିପକ୍ୱ ଅଣ୍ଡାରୁ ଲାର୍ଭାମାନଙ୍କୁ ଛାଡିବାପାଇଁ ସମୁଦ୍ର ଭିତରକୁ ଯାଇଥାଏ ।

ଅଶାନ୍ତ ସମୁଦ୍ର ଢେଉ ମଧ୍ୟରେ ଲକ୍ଷ ଲକ୍ଷ ସଂଖ୍ୟାରେ ଲାର୍ଭା ୩ -୪ ସପ୍ତାହ ବଞ୍ଚିରହି ଅନ୍ୟ ଏକ ଦ୍ୱୀପକୁ ଭାସି ଯାଆନ୍ତି । ଅଧିକାଂଶ ଏହି ସମୟରେ ଅନ୍ୟ ଜଳଜୀବ ମାନଙ୍କର ଶିକାର ହୋଇଥାନ୍ତି ତେବେ ସେମାନେ ନଡ଼ିଆ କତା ଅଥବା ମୃତ ଜଳଜୀବର ଖୋଳପା ଭିତରେ ନିଜକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରନ୍ତି । ସହଜାତ ଗୁଣ ଯୋଗୁଁ ସେମାନେ ସମୁଦ୍ର ପାଣି ଭିତରରେ ବୁଡ଼ିରହନ୍ତି । କଙ୍କଡା ଶାବକମାନଙ୍କୁ #zoea କୁହାଯାଏ । ଲାର୍ଭାମାନଙ୍କ ଭିତରୁ ଯେଉଁମାନେ ବଞ୍ଚି ରହନ୍ତି, ସେମାନେ ସମୁଦ୍ର ଢେଉ ଦ୍ୱାରା ସ୍ଥାନାନ୍ତରିତ ହୋଇ, ଅନ୍ୟ ଏକ ଭୂଭାଗକୁ ଉଠି ସ୍ୱୟଂ ସମ୍ପୂର୍ଣ୍ଣ ବଡ଼ ହୁଅନ୍ତି ।

ଏହି ସମୟ ମଧ୍ୟରେ ସେମାନଙ୍କ ଶରୀରର ବାହ୍ୟ ଆବରଣର ବିକାଶ ଘଟି ଶକ୍ତ ହୋଇଥାଏ । ବୟସ୍କ ହେଲା ପରେ ସେମାନଙ୍କର, ସମୁଦ୍ର ସହ ପ୍ରାୟ ଆଉ କୌଣସି ସଂପର୍କ ରହି ନଥାଏ । କେବଳ ବିଶେଷ ପରିସ୍ଥିତିରେ ବାସସ୍ଥାନ ପରିବର୍ତ୍ତନ କିମ୍ବା ମାତା କଙ୍କଡାର ଅଣ୍ଡାଦାନ ସମୟରେ ଏମାନେ ସମୁଦ୍ରକୁ ଫେରିଥାନ୍ତି । ସର୍ବାଧିକ ଏକଘଣ୍ଟା ଜଳଭିତ ରେ ବୁଡିରହିବା ପରେ, ନିଃଶ୍ୱାସ ନେବାପାଇଁ ଥରେ ଉପରକୁ ଉଠନ୍ତି ।

ନାରିକେଳ କଙ୍କଡାର ଘ୍ରାଣ-ଶକ୍ତି ସବୁ ଠାରୁ ଅଧିକ । ଏହାଦ୍ୱାରା ସେମାନେ ଘନ ଅନ୍ଧକାରରେ ମଧ୍ୟ ନିଜ ନିଜର ଖାଦ୍ୟକୁ ଠାବ କରି ପାରନ୍ତି । କେବଳ ରାତିରେ ନିଜ ଖାଦ୍ୟ ଅନ୍ୱେଷଣରେ ବାହାରି ଥାନ୍ତି । ନିଜର ଶକ୍ତିଶାଳୀ ପଞ୍ଝା ଓ ଗୋଡ ସାହାଯ୍ୟରେ ନଡ଼ିଆଗଛକୁ ଚଢ଼ି ଯାଆନ୍ତି । ଏମାନଙ୍କର ୬ଟି ୩ ଫୁଟ ବିଶିଷ୍ଟ ଲମ୍ବ ଗୋଡ ,୨ ଟି ପ୍ୟାଡେଲ ଆକୃତିର ଛୋଟ ଗୋଡ ଓ ଦୁଇଟି ଶକ୍ତିଶାଳୀ ପଞ୍ଝାଥାଏ ।

ବାମ ପଞ୍ଝା ଡ଼ାହାଣ ପଞ୍ଝାଠାରୁ ଅପେକ୍ଷାକୃତ ବଡ଼ ହୋଇଥାଏ । କ୍ଷୀପ୍ର ଗତିରେ ନଡ଼ିଆ ଗଛକୁ ଚଢ଼ି ଯାଇ ପ୍ରଥମେ ପରିପକ୍ୱ ନଡ଼ିଆକୁ ଠାବକରି ଏହାର କାନ୍ଦିର ମୂଳକୁ କାଟି ଦିଅନ୍ତି, ଯାହାଫଳରେ ଏକାବେଳକେ ଅନେକଗୁଡିଏ ନଡ଼ିଆ ତଳେ ପଡିଥାଏ । ଏମାନେ ନଡ଼ିଆର ଶକ୍ତ ଆବରଣକୁ ଖୁବ ସହଜରେ ଭାଙ୍ଗି ଦିଅନ୍ତି ।

ନାରିକେଳ କଙ୍କଡାର ଶକ୍ତିଶାଳୀ ପଞ୍ଝା ୨୭ କିଲୋଗ୍ରାମର ଓଜନ ଉଠାଇବାକୁ ସାମର୍ଥ୍ୟ ରଖେ । ନଡ଼ିଆ ଖାଇ ସାରିଲା ପରେ ନଡ଼ିଆକତା ଓ ସଢେଇକୁ ଜନ୍ମର ସହିତ ସାଇତି ରଖନ୍ତି । ନିଜପାଇଁ ମାଟିଖୋଳି ଏକ ପ୍ରଶସ୍ତ ଘର ତିଆରି କରନ୍ତି, ଯାହାର ଚଟାଣକୁ ଏମାନେ ବହଳ ନଡ଼ିଆକତା ବିଛାଇ ଏକ ଆରାମ ଦାୟକ ସଜ୍ୟା ତିଆରି କରନ୍ତି । ଘରଭିତରେ ସେମାନେ ଭବିଷ୍ୟତକୁ ଆଖିରେ ରଖି ନଡ଼ିଆ ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ସାଇତି ରଖନ୍ତି । ସବୁବେଳେ



ମଣିଷ ଦୃଷ୍ଟି ଆଢୁଆଳରେ ରହିବାକୁ ପସନ୍ଦ କରନ୍ତି ତେବେ ଦୈବାତ ସାମ୍ନାସାମ୍ନି ହୋଇଗଲେ, ଏମାନେ ଆକ୍ରମକ ହୋଇଥାନ୍ତି ।

୨୫ ବର୍ଷ ବୟସ୍କ ପ୍ରସିଦ୍ଧ ଜୀବବିଜ୍ଞାନୀ ଚାର୍ଲସ ଡାର ଉଇନ ୧୮୩୫ ମସିହାରେ ତାଙ୍କର ଐତିହାସିକ ବିଗିଲ ଜଳଯାତ୍ରା ସମୟରେ ଏହି ଦୈତ୍ୟକାୟ କଙ୍କଡାକୁ ପ୍ରଥମେ ଠାବ କରିଥିଲେ । କତା ସହିତ ନଡ଼ିଆକୁ ଦୁଇଖଣ୍ଡ କରିଦେବାର ଦୃଶ୍ୟ ସେ ନିଜ ଆଖିରେ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଅନ୍ୟ ଏକ ଘଟଣାରେ ଜନୈକ ବୈମାନିକ ଆମେଲିଆ ଇଅରହାର୍ଟ, ଏକଦା ପ୍ରଶାନ୍ତ ମହାସାଗର ଅନ୍ତର୍ଗତ ରିପବ୍ଲିକ ଅଫ କିରିବାଟିର, ନିକୁମାରୋର ଦ୍ୱୀପରେ, ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ।

ଉଦ୍ଧାରକାରୀ ଦଳ ତାଙ୍କ ଶବକୁ ଖୋଜି ପାଇ ନଥିଲେ । ବହୁ ଖୋଜାଖୋଜି କରି ଶେଷକୁ ସେ ତାଙ୍କର ପୋଷାକ ଓ ଖପୁରୀକୁ ନିକଟସ୍ଥ କୋକାନଟ କ୍ରାବର ଗୁମ୍ଫା ମଧ୍ୟରୁ ଆବିଷ୍କାର କରି ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିଲେ । ତାଙ୍କର ମୃତ ଶରୀରକୁ କଙ୍କଡା ମାନେ ଗୁମ୍ଫା ଭିତରକୁ ଟାଣି ନେଇ ଖାଇ ଦେଇଥିଲେ ।

ପ୍ରକୃତି ବିଜ୍ଞାନୀ R.Ridly ୧୯୦୬ ମସିହାରେ ଏହି କୋକାନଟ କ୍ରାବ ଉପରେ ଦୀର୍ଘ ଦିନ ଧରି ଗବେଷଣା ଜାରିରଖି ଏକ ପୁସ୍ତକ ଲେଖିଥିଲେ । ସେ ଲେଖିଥିଲେ ଏହି କଙ୍କଡାମାନଙ୍କର ଚୌର୍ଯ୍ୟ ପ୍ରବୃତ୍ତି ରହିଛି । ସେମାନେ ରାତିରେ ଖୁବ ସନ୍ତର୍ପଣରେ ତାଙ୍କ ତମ୍ବୁ ଭିତରକୁ ପଶି, ସସପେନ, ବୁଟ, ପଲିଥିନ ଏପରିକି ହୁଇସ୍କି ବଟଲ ଆଦି ଚୋରାଇ ନେଇ ଅଦୃଶ୍ୟ ହୋଇଯାଆନ୍ତି । ଏଥିପାଇଁ ଏମାନଙ୍କୁ Thief Crab ବା Robber Crab ର ଆଖ୍ୟା ଦିଆଯାଏ । ଏହା ସେମାନଙ୍କ କୌଣସି କାମରେ ନଲାଗିଲେ ମଧ୍ୟ ଏହାର ଉଜ୍ଜ୍ୱଳ ରଙ୍ଗରେ ଆକର୍ଷିତ ହୋଇ ,ଏସବୁକୁ ବୋହି ନେଇ ନିଜ ଘରେ ସାଇତି ରଖିଥାଆନ୍ତି ।

ଏହାର ଦୈତକାୟ ଶରୀର ଓ ସୁସ୍ୱାଦୁ ମାଂସ ଲୋଭରେ ସ୍ଥାନୀୟ ଅଧିବାସୀମାନେ ଶିକାର କରିଥାନ୍ତି । IUCN ତଥ୍ୟ ଅନୁସାରେ ଏମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ପଚାଷବର୍ଷ ତଳେ ଥିବା କୋକାନଟ କ୍ରାବର ସଂଖ୍ୟା ଏବେ ୩୦ ପ୍ରତିଶତକୁ ହ୍ରାସ ପାଇଛି ।

International Union of Conservation of nature ଏହି ସୁନ୍ଦର ପ୍ରଜାତିର କଙ୍କଡାର ସଂରକ୍ଷଣ ପାଇଁ ବହୁବିଧ ଯୋଜନା କରିଛନ୍ତି । ବିଭିନ୍ନ ସ୍ୱଚ୍ଛାସେବୀ ସଂଗଠନ ସାହାଯ୍ୟରେ କଙ୍କଡା ମାନଙ୍କର ବାସଗୃହକୁ ଚିହ୍ନଟ କରାଯାଇ ସୁରକ୍ଷା ଦିଆଯାଉଛି ।

ଭୁବନେଶ୍ୱର
ମୋ- ୭୯୭୮୪୨୦୪୯୩

# ସତ୍ୟବାଦୀ ପାଲା ଗାୟକ ମଣ୍ଡଳ ବାର୍ଷିକ ସମ୍ମିଳନୀ



ସତ୍ୟବାଦୀ (ଭିଓଭି): ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ଉପଶାଖା ସତ୍ୟବାଦୀ ପାଲାଗାୟକ ମଣ୍ଡଳର ୭ମ ସାମ୍ବତ୍ସରିକ ସମ୍ମିଳନୀ ଅଳଗୁମର ପ୍ରସିଦ୍ଧ ଶକ୍ତିପୀଠ ମା ଜାଗେଶ୍ୱରୀଙ୍କ ବେଢ଼ାରେ ଅନୁଷ୍ଠିତ ହୋଇଯାଇଛି । ଗୁରୁପୂଜନ ପରମ୍ପରା ଅନୁଯାୟୀ ମଣ୍ଡଳର ସ୍ଥାୟୀ ସଭାପତି ବିଶିଷ୍ଟ ସାହିତ୍ୟିକ, ଗବେଷକ ଗାୟକ ଜ୍ଞାନସାଗର ଗୁରୁ ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ ପୂଜନ କରାଯିବା ପରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁନୀଲ କୁମାର ପଣ୍ଡାଙ୍କ ସହ ଗାୟକ ବିଦ୍ୟାବାରିଧି ଶ୍ରୀଯୁକ୍ତ ନିରଞ୍ଜନ ବାହିନୀପତି, ବରିଷ୍ଠ ଗାୟକ ଶ୍ରୀଯୁକ୍ତ ରମାକାନ୍ତ ମିଶ୍ରଶର୍ମା,ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ସରସ୍ୱତୀ ବିଶ୍ୱାଳ, ସମିତି ସଭ୍ୟା ଶ୍ରୀମତୀ ପୁଷ୍ପଲତା ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ ।ଆୟୋଜକ ଅନୁଷ୍ଠାନ ସଭାପତି ଶ୍ରୀଯୁକ୍ତ ବିଶ୍ୱନାଥ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ ।ଏହାପରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା ।ସନ୍ଧ୍ୟାରେ ଅନୁଷ୍ଠିତ ସାଧାରଣ ସଭା ଓ ସମ୍ବର୍ଦ୍ଧନା ପର୍ବରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଓମପ୍ରକାଶ ମିଶ୍ରଙ୍କ ସହ ଖ୍ୟାତନାମା ସ୍ନାୟୁଶଲ୍ୟ ବିଶେଷଜ୍ଞ ତଥା ସାହିତ୍ୟିକ ଓ ସମାଜସେବୀ ଡ଼ାକ୍ତର ରବିନାରାୟଣ ପଣ୍ଡା,ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ନୀରୋଦ କୁମାର ଦାସ, ଗାୟକ ଜ୍ଞାନସାଗର ଗୁରୁ ସଚ୍ଚିଦାନନ୍ଦ ମହାପାତ୍ର, ଅଖଣ୍ଡ ପୁରୀ ଜିଲ୍ଲା ପାଲାଗାୟକ ପରିଷଦ ସଭାପତି ଗାୟକବ୍ୟାସ ଲକ୍ଷ୍ମୀଧର ଦାସ, ଅର୍କ ଗାୟକ ମଣ୍ଡଳ ସଂପାଦକ ଗାୟକ ମଙ୍ଗରାଜ ବିଶ୍ୱାଳ,ଗାୟକ ବିଦ୍ୟାବାରିଧି ନିରଞ୍ଜନ ବାହିନୀପତି,କବି ଓ ସମାଜସେବୀ ପାଣ୍ଡବ ମହାରଣା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ବିଶିଷ୍ଟ ଗାୟକ, ବାୟକ ଓ ସଙ୍ଗୀତ ପାଳିଆ, ସମାଜସେବୀ, ସାହିତ୍ୟିକ ଓ ସାମ୍ବାଦିକ ବନ୍ଧୁ ମାନଙ୍କୁ ସଭାମଞ୍ଚରେ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।ସମ୍ପାଦକ ରମେଶ ଚନ୍ଦ୍ର ପଲେଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ।ବିଶିଷ୍ଟ ସାହିତ୍ୟିକ, ଜ୍ୟୋତିର୍ବିଦ ଓ ଗବେଷକ ଦେବୀପ୍ରସାଦ ମହାପାତ୍ର ସଭା ସଂଯୋଜନା କରିଥିଲେ ।ଗାୟକ ପ୍ରକାଶ ବଡ଼ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସତ୍ୟବାଦୀ ମଣ୍ଡଳର ସଦସ୍ୟ ଗାୟକ ଅକ୍ଷୟ କୁମାର ମହାପାତ୍ର, ଗାୟକ ଲିଙ୍ଗରାଜ ପ୍ରଧାନ(ପୂର୍ଣ୍ଣ) ଓ ଗାୟିକା ଦିଗଦର୍ଶିକା ସୁଭଦ୍ରା ନାୟକ ସହଯୋଗିତା ପାଲା ପରିବେଷଣ କରିଥିଲେ ।ଅଳଗୁମର ଦୁଇ ଦିବଙ୍ଗତ ପ୍ରଖ୍ୟାତ ଗାୟକ ସ୍ୱର୍ଗତ ବନମାଳୀ ପଣ୍ଡା ଓ ସ୍ୱର୍ଗତ ମାଧବ ଚନ୍ଦ୍ର ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ସମ୍ମିଳନୀକୁ ଉତ୍ସର୍ଗ କରାଯାଇଥିଲା ।ସଦାଶିବ ବରାଳ, ପ୍ରତାପ କୁମାର ପ୍ରଧାନ,ବିଜୟ ଚନ୍ଦ୍ର ସାମନ୍ତରାୟ,ରବିନାରାୟଣ ବେହେରା,ସୁଧୀର ସ୍ୱାଇଁ, ବିଜୟ ପଟ୍ଟନାୟକ,ଉପଦେଷ୍ଟା ହେମେନ୍ଦ୍ର ନାଥ ପଟ୍ଟନାୟକ,ଦୀପ୍ତିରଞ୍ଜନ ପରିଡ଼ା, ଶ୍ରୀରାମ ସ୍ୱାଇଁ,ସୁଦର୍ଶନ ପ୍ରଧାନ, ବିଜୟ ବରାଳ, ପ୍ରକାଶ ବିଶ୍ୱାଳଙ୍କ ସମେତ ମଣ୍ଡଳର ପ୍ରମୁଖ ସଦସ୍ୟ ସଦସ୍ୟା ଆୟୋଜନରେ ସହାୟତା କରିଥିଲେ ।

# Navigating the Investment Landscape: SIP vs. Lump Sum Investment

Mutual funds have become a well-liked investment option for millions of Indians looking to increase their wealth in recent years. Mutual funds provide a dynamic mix of debt, equity, and hybrid funds with various options to suit different risk tolerances and financial objectives. The introduction of the Unit Trust in 1963 marked the beginning of mutual fund history in India. Since then, the industry has grown exponentially through an increasingly strong regulatory environment and increasing investor awareness and exposure. The three main categories of mutual funds nowadays are debt, hybrid, and equity funds. The primary objective of equity funds is to invest in stocks and increase capital appreciation, whereas debt funds prioritize fixed-income assets and provide consistent returns. Essentially, hybrid funds invest in both equity and debt, offering investors a risk-to-return balance. The advantages of professional management extend to mutual funds.

Professional management is one of the main benefits of mutual funds. The knowledge of fund managers who make well-informed choices about portfolio diversification and asset allocation is advantageous to investors. Individuals lacking the time or specialized knowledge to manage their finances effectively will likely find this hands-off approach particularly appealing. This method offers ease and convenience, allowing them to delegate financial decisions without the burden of navigating the complexities of personal finance themselves.

India has seen exceptional returns from mutual funds. In recent years, data reveals that top-performing equities funds have earned over 30% of returns in the last three years. Despite the risks associated with mutual fund investments, fluctuations in interest rates, market conditions, and economic downturns may affect fund performance. Hence, investors need to conduct thorough research before investing, assess their risk tolerance, and engage in discussions with financial professionals. The Indian economy's expansion has set the mutual fund sector on a strong footing for future growth. The increasing use of digital platforms and government initiatives to promote financial inclusion is expected to drive more people into the investing market.

A key component of financial planning is prudent investing, and two well-liked strategies in India are lump sum investments and Systematic Investment Plans (SIPs). Each offers unique benefits and accommodates varying investor tastes and financial circumstances.

Systematic Investment Plan (SIP):

A SIP is regularly investing a fixed sum in a mutual fund scheme. Using rupee cost averaging and compounding, this methodical methodology enables investors to build wealth over time. Starting with a small sum is one of the main advantages of SIPs. For example, investors can start with as little as .500 a month. Because of this, SIPs are appealing to young professionals and others with little extra cash. Frequent investing also promotes financial self-control, which facilitates the accomplishment of long-term financial objectives.

Another essential benefit of SIPs is the ability to average rupee costs. Investors that make regular investments purchase more units during periods of low price and fewer units during periods of high price. This averaging effect can lower the overall cost of an investment and lessen the impact of market volatility.

Lumpsum Investment (One-time Investment):

A lump sum investment, on the other hand, entails making a significant investment all at once. This strategy works well for investors with a sizable amount of money to invest, such as from an inheritance, bonus, or asset sale. The main advantage of lump sum investments is the possibility of more significant profits in a strong market. When investors put a large sum of money upfront, they might profit significantly from market rallies. This approach also saves time and effort, as there are no periodic contributions to manage.

However, there are hazards associated with lump sum investing. It can be challenging to predict the market, and making a significant investment at the wrong time might result in huge losses. Thus, lump sum investors must be well-versed in market dynamics and possess a high-risk tolerance.

Selecting the Appropriate Method.



**Dr Subhramaya Nayak**
Assistant Professor,
Centurion University of
Technology and Management
subhramaya@gmail.com
Mob - +91 70089 98090

Individual financial objectives, risk tolerance, and market outlook all play a significant role in the decision between SIP and lump sum investments. SIPs offer a systematic and less hazardous approach to wealth accumulation for people with a steady income and a long-term outlook. Lump sum investments may appeal more to individuals with the financial capacity to invest substantial amounts and with a higher risk tolerance.

Both lump sum and SIP investments have advantages and can be essential components of an investor's portfolio. To ensure a balanced approach to wealth growth, matching the investing plan with one's financial objectives and risk tolerance is crucial.

# State Celebrates International Day For PwD

Bhubaneswar: The 3-day State Level Celebration of International Day for the Persons with Disabilities has been organized by SSEPD Department with Pomp and Ceremony at KIIT Campus. Nityanand Gond, Minister, SSEPD was the chief guest of the program. Principal Secretary Bishnupada Sethi graced the occasion as a Distinguished Guest. State Disability Commissioner Bratati Harichandan and Director Niyati Patnaik were present in the ceremony.In today's program, a special helpline number for senior citizens has been launched by the Minister. To provide information to senior citizens and resolve all kinds of problems, a toll-free special helpline number-14567 has been announced in collaboration with the Social Justice and Empowerment Ministry and the SSEPD, Odisha Government. On this occasion, the Minister said that today many Divyang people have become self-reliant and are supporting their families, while also making significant contributions to the society. Both the Central and State Governments are working together in different fields for the rehabilitation of the differently-abled. Modern Rehabilitation Centers, State institute for empowerment of persons with Disabilities are being organized, Integrated Infrastructure Centers are being established for them in various districts, DDRC facilities are being provided, special educational institutions for differently-abled students, scholarships are being provided to them, free laptops are being provided, skill development programs are being implemented, etc. He expressed that the Social Security and Empowerment of Persons with Disabilities Department, under the leadership of Chief Minister Mohan Charan Majhi, will take various steps for the welfare of the differently-abled.A souvenir titled "Ama Katha" was unveiled on the occasion of the International Day. In addition, the Sambalpur and Bhadrak district administrations were felicitated for the rehabilitation of the differently-abled in the district, while Mayurbhanj district was honored as the best DDRC. Similarly, various organizations and individuals working for the development of the differently-abled were honored. Nearly 4000 PwDs participated in the 3 days long celebration.



# World Odisha Society to Celebrate Pravasi Odia Divas on January 11th

Bhubaneswar, : World Odisha Society(WOS) is all set to celebrate Pravasi Odia Divas (POD) on 11th January 2025 at Bhubaneswar in Hybrid mode. The POD will be observed after the conclusion of Three days long Pravasi Bharatiya Divas scheduled to be held on 8th, 9th and 10th January 2025 at Odisha's capital. In a statement Chairman of WOS Kishore Dwibedi disclosed that Non Resident Odias' Day will be organised to commemorate the Fourth Foundation Day of World Odisha Society. To mark the grand occasion a spectacular Cultural Extravaganza entitled "Utkala Utsava", showcasing the rich performing arts forms, vibrant cultural heritage and lofty traditional ethos of Odisha will be staged, Shri Dwibedi added. The decision to host Pravasi Odia Divas was taken in a joint meeting of WOS's Executive Body and Working Committee held in online platform under the presidentship of Shri Dwibedi. Members and office bearers of World Odisha Society across the Globe, prominent NROs and representatives of Odia Samajs spreading all over the World are expected to take part in the Mega Event. The Mahakumbha of Odia Diaspora world wide will also witness the conferment of First Pravasi Odia Samman and Ratnashri Puraskars to eminent Odias in recognition to their outstanding contributions towards enriching their Mother State Odisha's name, fame and fortune in National and International arena. A colourful Souvenir is slated to be published during the Celebration. It may be mentioned here that World Odisha Society was founded during the auspicious day of Makarsankranti in 2021 with Twenty countries as members. The prime motto of this apex institution of Global Odias is to unite around one and half crore Odias staying outside of Odisha under one platform and channelize their material and metaphysical resources towards all round development of Odisha.

# ଅନୁପ୍ରବେଶ ରୋକିବାରେ ନୌସେନା ପ୍ରଶଂସନୀୟ ଭୂମିକା ତୁଲାଉଛି: ରାଷ୍ଟ୍ରପତି



ପୁରୀ, (ଭିଓଭି):ଦେଶର ସୁରକ୍ଷା ପାଇଁ ନୌସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସନ୍ଧ୍ୟାରେ କହିଛନ୍ତି। ପୁରୀସ୍ଥିତ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଆୟୋଜିତ ନୌସେନା ଦିବସ ଅବସରରେ ସେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ସମୁଦ୍ର ଭିତରେ ଶତ୍ରୁଙ୍କୁ ଭାରତୀୟ ନୌବୀରମାନେ ପ୍ରତିରୋଧ କରିପାରୁଛନ୍ତି। ଜଳପଥରେ ଅନୁପ୍ରବେଶ ରୋକିବାରେ ନୌସେନା ପ୍ରଶଂସନୀୟ କାମ କରୁଛି। ୧୯୭୧ ଯୁଦ୍ଧ ବେଳେ ନୌସେନା ଯେଉଁ ଶକ୍ତି ଦେଖାଇଥିଲା, ତାହା ସବୁବେଳେ ମନେ ରହିବ। ନୌସେନାର କର୍ତ୍ତବ୍ୟକୁ ନେଇ ଭାରତୀୟମାନେ ଗର୍ବ ଅନୁଭବ କରନ୍ତି। ଭାରତ ୨୦୪୭ ସୁଦ୍ଧା ସଂପୂର୍ଣ୍ଣ ରୂପେ ଆତ୍ମନିର୍ଭର ହେବା ଦିଗରେ କାମ କରୁଛି। ବାଲିଷ୍ଟିକ୍ ମିଜାଇଲ ସବ୍‌ମେରାଇନ୍ ନିର୍ମାଣ କରିବାରେ ଭାରତ ହେଉଛି ବିଶ୍ୱର ଷଷ୍ଠ ରାଷ୍ଟ୍ର। ଦେଶ ଏଯାଏଁ ୬୩ଟି ବୁଡ଼ାଜାହାଜ ନିର୍ମାଣ କରିସାରିଛି। ନୌସେନାରେ ମହିଳା ଅଗ୍ନିବୀରମାନଙ୍କୁ ନିଯୁକ୍ତି ମିଳିଛି। କଳିଙ୍ଗର ଇତିହାସକୁ ନୌସେନା ମାନେ ମନେ ପକାଇ ଦେଉଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ। ଆମେ ସମୁଦ୍ର ଭିତରେ କ'ଣ କରିପାରିବୁ ତାହା ଏଠାରେ ପ୍ରଦର୍ଶନ କରିଛୁ। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ନୌସେନାର ଭୂମିକା ଅତୁଳନୀୟ ଥିଲା। ଉଭୟ ଆରବ ସାଗର ଓ ବଙ୍ଗୋପସାଗରରେ ନୌସେନା ତା'ର ଶକ୍ତି ଦେଖାଇଥିଲା। ନୌବୀରମାନେ ପାକିସ୍ତାନ ସେନା ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲେ। ସମୁଦ୍ର ଭିତରେ ନୌବୀରମାନେ ଯାହା କରନ୍ତି, ଏହାରି ଉପରେ ଆଜି ସୁନ୍ଦର ଭାବରେ ପ୍ରଦର୍ଶିତ ହେଉଛି। ସମାରୋହରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ସରଣ ସିଂହ, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ ଏବଂ ବିଧାୟକମାନେ ମଧ୍ୟ ଉପସ୍ଥିତ ଥିଲେ। ନୌସେନାର ବୀରତ୍ୱ ଦେଖିବା ପାଇଁ ନିମନ୍ତ୍ରିତ ଅତିଥିମାନେ ସଭାସ୍ଥଳରେ ଥିବାବେଳେ ବାହାରେ ଲକ୍ଷାଧିକ ଦର୍ଶକ ଉପସ୍ଥିତ ଥିଲେ। ନୌସେନା ଦିବସ ଅବସରେ ଆୟୋଜିତ ସମାରୋହ ପୂର୍ବରୁ ନୌସେନା ତା'ର ପରାକ୍ରମ ଦେଖାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଡେମୋର ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରପତିଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହା ପରେ ଏଥିରେ ୧୫ଟି ଯୁଦ୍ଧ ଜାହାଜ, ୩୭ ଏୟାରକ୍ରାଫ୍ଟ, ଗୋଟିଏ ବୁଡ଼ା ଜାହାଜ ସାମିଲ ହୋଇଥିବାବେଳେ ବେଳାଭୂମିରେ ସତେ ଯେମିତି ଯୁଦ୍ଧର ଭ୍ରମ ସୃଷ୍ଟି ହୋଇଥିଲା।

## କପିଳାସ ପୀଠକୁ ବିଶ୍ୱସ୍ତରୀୟ କରିବା ପାଇଁ ପ୍ରୟାସ



ଭୁବନେଶ୍ୱର (ଭିଓଭି): ରାଜ୍ୟର ଏକ ପ୍ରମୁଖ ତଥା ଐତିହ୍ୟ ସମ୍ପନ୍ନ ପ୍ରସିଦ୍ଧ ଶୈବପୀଠ ତଥା ଦ୍ୱିତୀୟ କୈଳାସ ଭାବେ ପରିଚିତ ନୈସର୍ଗିକ ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ କପିଳାସ ପୀଠର ଶ୍ରୀ ଚନ୍ଦ୍ରଶେଖର ଜୀଉ ମହାଦେବ? ୮୦୦ ବର୍ଷର ପ୍ରାଚୀନ କୀର୍ତ୍ତିରୂପେ ଦଣ୍ଡାୟମାନ । ୧୨୪୬ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶୀୟ ରାଜବଂଶର ରାଜା ନରସିଂହଦେବ ପ୍ରଥମଙ୍କ ଦ୍ୱାରା ନିର୍ମିତ ଏହି ଐତିହ୍ୟ ପୂର୍ଣ୍ଣ ଶୈବପୀଠ ଆଜି ସମ୍ପୂର୍ଣ୍ଣ ଅବହେଳିତ ଓ ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି। ଏଠି ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତ ତଥା ପର୍ଯ୍ୟଟକ ଙ୍କ ଭିଡ଼ ସହିତ ଶିବରାତ୍ରୀ, ଶ୍ରାବଣ ମାସରେ ପାଣି ଭାର ବେଳେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ।

କପିଳାସ ପୀଠକୁ ବିଶ୍ୱସ୍ତରୀୟ କରିବା ଲାଗି ରାଜ୍ୟ ସରକାର ଆଗେଇ ଆସନ୍ତୁ ବୋଲି ଢେଙ୍କାନାଳର ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ୟୁଥ୍ କ୍ଲବ୍ ର ସଦସ୍ୟ ମାନେ ଢେଙ୍କାନାଳ ସଦର ବିଧାୟକ ତଥା କ୍ୟାବିନେଟ ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର ମହୋଦୟ ଙ୍କୁ ଭେଟି ସକରାତ୍ମକ ଆଲୋଚନା କରିବା ସହିତ ପୀଠକୁ ବିଶ୍ୱସ୍ତରୀୟ କରିବା ପାଇଁ ଚନ୍ଦ୍ରଶେଖର ଜୀଉ ୟୁଥ୍ କ୍ଲବ୍ ତରଫରୁ ୪୦ ଗୋଟି ପ୍ରସ୍ତାବ ଦେଇଛନ୍ତି। ଖୁବ୍ ଶୀଘ୍ର କପିଳାସ ପୀଠର ଉନ୍ନତି ପାଇଁ ଏକ କମିଟି ଗଠନ କରିବା ସହିତ ସବୁ ଅଧିକାରୀ ମାନଙ୍କୁ ?ନେଇ ଆଲୋଚନା କରିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଢେଙ୍କାନାଳ ସଦର ମହକୁମା ଠାରୁ ମାତ୍ର ୨୬ କିମି ଦୂରରେ ଥିବା ଶୈବପୀଠ ର ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ କୁ ମଧ୍ୟ ଦାବି କରାଯାଇଛି।




## ଓଡଗାଁ ଏନଏସିରେ ବହୁ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ

# ଅସହାୟ ନିର୍ବାହୀ ଅଧିକାରୀ

ଓଡଗାଁ, (ଭିଓଭି): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନଏସି ରେ ଭତ୍ତା ବଣ୍ଟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ନଭେମ୍ବର ମାସର ଭତ୍ତା ହିତାଧିକାରୀଙ୍କୁ ୧୫,୧୬ ତାରିଖରେ ପ୍ରଦାନ କରିବାକୁ ନିୟମ ରହିଥିବା ବେଳେ ଓଡଗାଁ ଏନଏସିରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ଏହି ମାସରେ ପ୍ରଥମାଷ୍ଟମୀ, ଗୁରୁବାର ପୂଜା ଭଳି ପଡୁଥିବା ବେଳେ ଏନଏସି କର୍ତ୍ତୃପକ୍ଷ ବୃଦ୍ଧା ବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ଭତ୍ତା ଦେବାରେ ଅହେତୁକ ବିଳମ୍ବ କରିବା ନେଇ ହିତାଧିକାରୀଙ୍କ ମଧ୍ୟରେ ଅନେକ ଅସନ୍ତୋଷ ଦେଖାଦେଇଛି । ବାରମ୍ବାର ସେମାନେ ଏନଏସି ଅଫିସ ଦୌଡ଼ି ଦୌଡ଼ି ନିରାଶ ହୋଇଥିବା କହିଛନ୍ତି । ହେଲେ ଭତ୍ତା ବାଣ୍ଟିବା ଦାୟିତ୍ୱରେ ଥିବା ସ୍ଥାନୀୟ ସହରର ଜଣେ ଠିକା କର୍ମଚାରୀ ତାଙ୍କ ଘରୁ ଆସି ଭତ୍ତା ନେବାକୁ କହୁଥିବା ଜଣାଯାଇଛି, ଏପରକି କଣ ମାସ କର ଭତା ନମିଳିଲେ ତୁମେ ମରିଯିବ କି ବୋଲି କୁହାଯାଇଛି । ହେଲେ ଭତ୍ତା ଟଙ୍କା ଗଣ୍ଡାକ ପାଇବାକୁ ସେମାନେ ନୟାନ୍ତ ହୋଇଥିବା ବେଳେ ଡିସେମ୍ବର ମାସର ଭତ୍ତା ସହିତ ଦୁଇ ମାସର ଭତା ଦିଆଯିବ ବୋଲି ସମ୍ପୃକ୍ତ କର୍ମଚାରୀ କହିଥିବା ଉଦୟ ନେହ ସ୍ୱାଇଁ, ଦୟାନିଧି ସାହୁ ଓ ଦୁଇଜଣ ବିଧବା ବୃଦ୍ଧା ଅତ୍ୟନ୍ତ କ୍ଷୋଭର ସହିତ ପ୍ରକାଶ କରିଛନ୍ତି । ଏପରକି ସରକାରଙ୍କୁ ବଦନାମ କରିବାକୁ କର୍ମିରୁ କର୍ମଚାରୀ ସାଜିଥିବା ଠିକା କର୍ମଚାରୀଙ୍କ ଏହା ଏକ ରକମ ଚକ୍ରାନ୍ତ ବୋଲି ନିଜ ବାପାଙ୍କ ଭତ୍ତା ଟଙ୍କା ବୁଝିବାକୁ ଯାଇଥିବା ରାଜୁ ସାହୁ କହିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁଙ୍କୁ ପଚାରିବାରେ ସେ କର୍ମଚାରୀ ନଥିବା ଦର୍ଶାଇ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବକୁ ସ୍ୱୀକାର କରିବା ସହିତ ଡିସେମ୍ବର ମାସରୁ ନିଜେ ଅଫିସରେ ହିଁ ଭତ୍ତା ପ୍ରଦାନ କରିବାକୁ ପଦକ୍ଷେପ ନେବାକୁ କହିଛନ୍ତି । ଅନ୍ୟପକ୍ଷେ ଭତ୍ତା ପ୍ରଦାନ ଦାୟିତ୍ୱ ନେଇଥିବା ଠିକା କର୍ମଚାରୀ ଜଣକ ଲକ୍ଷାଧିକ ଟଙ୍କା ଭତ୍ତା ବାବଦକୁ ଅଫିସରୁ ଉଠାଇ ନେଇଯାଇଥିବା ବେଳେ ଭତ୍ତା ପ୍ରଦାନ ନକରି ନିଜେ ପାଖରେ ରଖିବା କେତେ ଦୂର ସମିଚୀନ ପ୍ରଶ୍ନରେ ନିର୍ବାହୀ ଅଧିକାରୀ ନିରୁତ୍ତର ରହିଥିଲେ। ହେଲେ ହଜାର ହଜାର ଟଙ୍କା ଦରମା ନେଉଥିବା କର୍ମଚାରୀ ଦିନେ ଦୁଇଦିନ ଦରମା ପାଇବାରେ ବିଳମ୍ବ ହେଲେ ଅସହାୟ ହୋଇ ପଡୁଥିବା ବେଳେ ଭତ୍ତା ହିତାଧିକାରୀଙ୍କ ନିମନ୍ତେ ଆଦୌ ଚିନ୍ତା ନଥିବା ଚିନ୍ତାର କାରଣ ପାଲଟିଛି।

## ଜରୁରୀ ଯୋଗାଯୋଗ

| | |
|---|---|
| ପୁଲିସ କଣ୍ଟ୍ରୋଲ ରୁମ୍<br>ଆମ୍ବୁଲାନ୍ସ<br>ପ୍ରସୂତି ଓ ଶିଶୁ<br>ଅଗ୍ନିଶମ<br>ମହିଳା ହେଲ୍ପଲାଇନ<br>ଚାଇଲ୍ଡ ଲାଇନ | -୧୧୨ |
| ଡିସିପି କାର୍ଯ୍ୟାଳୟ | - ୨୫୪୦୫୫୫ |
| ସିବିଆଇ କାର୍ଯ୍ୟାଳୟ | - ୨୫୬୧୫୬୭ |
| ଟ୍ରାଫିକ୍ ଥାନା | -୨୫୩୦୯୪୧ |
| ଗୁଇନ୍ଦା ବିଭାଗ | - ୨୫୪୦୨୯୪ |
| ଅଗ୍ନିଶମ (କଳ୍ପନା) | - ୨୩୧୨୦୮ ୮<br>୨୩୧୨୦୮୯ |
| ଅଗ୍ନିଶମ( ଚନ୍ଦ୍ରଶେଖରପୁର) | -୨୭୪୪୪୪୦ |
| ଅଗ୍ନିଶମ (ସଚିବାଳୟ) | -୨୩୯୦୪୫୪ |
| ହାଇୱେ ଆମ୍ବୁଲାନ୍ସ | -୧୮୦୦୪୨୦୮୨୮୯ |
| ଓଡ଼ିଶା ବ୍ଲଡ ବ୍ୟାଙ୍କ | -୨୩୯୪୯୮୫ |
| କ୍ୟାପିଟାଲ ହସ୍‌ପିଟାଲ | -୨୩୯୧୯୮୩ |
| ଜଳଯୋଗାଣ ନିୟନ୍ତ୍ରଣ କକ୍ଷ | -୨୫୪୩୬୪୭ |
| ବରମୁଣ୍ଡା ବସ୍ ଅନୁସନ୍ଧାନ | - ୨୩୫୪୭୬୯ |
| ରେଳବାଇ ଅନୁସନ୍ଧାନ | -୧୩୯୦୬୭୪-୨୫୩୨୨୩୩ |
| ସାଇବର ଅପରାଧ ସେଲ୍ | - ୭୪୪୦୦୦୬୭୦୯ |

**ବିଏମ୍‌ସି**

| | |
|---|---|
| ମେୟର | -୨୪୩୧୧୭୧<br>-୨୪୩୧୧୭୧ |
| କମିସନର | -୨୪୩୧୪୦୩ |
| ଅତିରିକ୍ତ କମିସନର | - ୨୪୩୪୭୪୨ |
| ବିଏମ୍‌ସି ଜୋନ୍ କାର୍ଯ୍ୟାଳୟ (ଉତ୍ତର) | -୨୩୦୧୦୦୨ |
| ବିଏମ୍‌ସି ଜୋନ୍ କାର୍ଯ୍ୟାଳୟ (ଦକ୍ଷିଣ-ପଶ୍ଚିମ) | -୨୫୫୨୭୧୫ |
| ବିଏମ୍‌ସି ଜୋନ୍ କାର୍ଯ୍ୟାଳୟ (ଦକ୍ଷିଣ-ପୂର୍ବ) | -୨୪୩୧୩୪୩ |

**ସ୍ମାର୍ଟସିଟି**

| | |
|---|---|
| ନିୟନ୍ତ୍ରଣ କକ୍ଷ | -୧୮୦୦୩୪୫୦୦୬୧ |
| ଦାଦାବଟିକୁ 'ନା' | -୯୯୩୮୯୧୦୦୦୦ |
| ସାଇବର ଠକେଇ ଅଭିଯୋଗ | - ୭୪୪୦୦୦୬୭୦୯ |
| ସ୍ୱେରେଜ ବୋର୍ଡ | -୦୬୭୪-୨୫୩୬୯୦୩ |
| ସେପ୍ଟିକ ଟାଙ୍କ/ ସ୍ୱେରେଜ ଲାଇନ | -୧୪୪୨୦ |

## ହାଇକୋର୍ଟଙ୍କ ନିଆରା ଜାମିନ ସର୍ତ୍ତ

# ଶହେ ଗଛ ଲଗାଇବେ, ଦୁଇବର୍ଷ ରକ୍ଷଣାବେକ୍ଷଣ କରିବେ

କଟକ : ମାଲକାନଗିରି ପୁଲିସ ଦ୍ୱାରା ଗିରଫ ହୋଇ ଜେଲ୍‌ରେ ଥିବା ଜଣେ ଅଭିଯୁକ୍ତକୁ ହାଇକୋର୍ଟ ଜାମିନ ଦେବା ସହିତ ଶହେ ବୃକ୍ଷରୋପଣ ଭଳି ନିଆରା ସର୍ତ୍ତାରୋପ କରିଛନ୍ତି। ଜାମିନରେ ଛାଡ଼ ପାଇବା ପରେ ଆବେଦନକାରୀ ଅଭିଯୁକ୍ତ ନିଜ ଗ୍ରାମ ଆଖପାଖ ଅଞ୍ଚଳରେ ଶହେ ଆମ୍ବ, ନିମ୍ବ, ତେନ୍ତୁଳି ଇତ୍ୟାଦି ଗଛ ଲଗାଇବେ। ସରକାରୀ/ଗୋଷ୍ଠୀ/ଘରୋଇ ଜମିରେ ଆବେଦନକାରୀ ଗଛ ଲଗାଇ ପାରିବେ। ଜିଲ୍ଲା ନର୍ସରି/ଡିଏଫ୍‌ଓ ତାଙ୍କୁ ଆବଶ୍ୟକ ଚାରା ଯୋଗାଇବା ପ୍ରସଙ୍ଗରେ ସହାୟତା କରିବେ। ଆବେଦନକାରୀ ଚାରା ରୋପଣ କରିଲେ କି ନାହିଁ ତାହା ଥାନା ଆଇଆଇସି ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ତଦାରଖ କରିବେ। ସେହିପରି ଚାରା ରୋପଣ



କରିବା ପରେ ଆବେଦନକାରୀ ଏ ନେଇ ଏକ ସତ୍ୟପାଠ ସ୍ଥାନୀୟ ଥାନାରେ ଦାଖଲ କରିବେ। ଲଗାଇଥିବା ଚାରାଗୁଡ଼ିକର ୨ ବର୍ଷ ରକ୍ଷଣାବେକ୍ଷଣ କରିବା ନେଇ ଆବେଦନକାରୀ ପ୍ରତିଶ୍ରୁତି ଦେବା ସହିତ ଏ ସଂକ୍ରାନ୍ତରେ ସତ୍ୟପାଠରେ ଉଲ୍ଲେଖ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆବେଦନକାରୀ ପ୍ରତି ସୋମବାର ସ୍ଥାନୀୟ ଥାନାରେ ଦିନ ୧୦ଟାରୁ ଗୋଟାଏ ମଧ୍ୟରେ ହାଜର ହେବେ। ଜାମିନରେ ଥିବା ବେଳେ କୌଣସି ଆପରାଧିକ ମାମଲାରେ ସଂପୃକ୍ତ ହେବେ ନାହିଁ ଓ ସାକ୍ଷ୍ୟପ୍ରମାଣକୁ ପ୍ରଭାବିତ କରିବା ଭଳି କାର୍ଯ୍ୟ କରିବେ ନାହିଁ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ଯଦି ଜାମିନ ସର୍ତ୍ତ ଉଲ୍ଲଂଘନ କରନ୍ତି ତେବେ ଆବେଦନକାରୀଙ୍କ ଜାମିନ ବାତିଲ ହେବ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଡକ୍ଟର ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ମଳ ସାନାଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୦, ସେପ୍ଟେମ୍ବର ୨୨ରେ ମାଲକାନଗିରିରୁ କାଲିମେଳା ଯାଉଥିବା ଏକ କାରର ଇଂଜିନ୍‌ରେ ସକାଳ ସାଢେ ୧୦ଟାରେ ନିଆଁ ଲାଗିଯାଇଥିଲା। କାର୍ ଚାଳକ ଗାଡ଼ି ଛାଡ଼ି ପଳାଇ ଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜଳି ଯାଇଥିବା କାର୍ ଭିତରେ ଗଞ୍ଜେଇ ଚାଲାଣ କରାଯାଉଥିବା ଜାଣିବାକୁ ପାଇଥିଲା। ପୁଲିସ ଜଳି ଯାଇଥିବା କାର୍ ଓ ଗଞ୍ଜେଇ ଜବତ କରିବା ସହିତ ଘଟଣାର ତଦନ୍ତ କରିଥିଲା। ୨୦୨୪ ନଭେମ୍ବର ୫ରେ ଆବେଦନକାରୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନିମ୍ନ ଅଦାଲତରେ ଜାମିନ ଖାରଜ ହେବା ପରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସହିଦ୍‌ଙ୍କ ବିଧବା ପତ୍ନୀଙ୍କୁ କାହିଁକି କୋର୍ଟକୁ ଟାଣିଲ

# କେନ୍ଦ୍ରକୁ ଜରିମାନା କଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ଜଣେ ସହିଦ ଯବାନଙ୍କ ପତ୍ନୀଙ୍କୁ ୨୦୧୩ ମସିହାରୁ ପାରିବାରିକ ଭତ୍ତା ସହିତ ସମସ୍ତ ବକେୟା ଅର୍ଥ ପ୍ରଦାନ କରିବାକୁ ସଶସ୍ତ୍ର ବାହିନୀ ଟ୍ରିବ୍ୟୁନାଲ ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିବାରୁ ସର୍ବୋଚ୍ଚ ଅଦାଲତ ଏହାର କଡ଼ା ସମାଲୋଚନା କରିଛନ୍ତି। ସହିଦଙ୍କ ବିଧବାଙ୍କୁ କାହିଁକି କୋର୍ଟକୁ ଟଣାଗଲା ବୋଲି କୋର୍ଟ କେନ୍ଦ୍ର ସରକାରକୁ ପ୍ରଶ୍ନ କରିବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜମ୍ମୁ-କଶ୍ମୀରରେ ଆତଙ୍କବାଦ ବିରୋଧୀ ପାଟ୍ରୋଲିଂ ବେଳେ ସହିଦ ହୋଇଥିବା ଜଣେ ଯବାନଙ୍କ ବିଧବାଙ୍କୁ 'ଉଦାର ପାରିବାରିକ ଭତ୍ତା'(ଏଲ୍‌ଏଫ୍‌ପି) ପ୍ରଦାନ କରିବା ପାଇଁ ସଶସ୍ତ୍ର ବାହିନୀ ଟ୍ରିବ୍ୟୁନାଲ୍ ଦେଇଥିବା ଆଦେଶରେ ଭୁଲ୍ ରହିଲା କେଉଁଠି ବୋଲି ଜଷ୍ଟିସ ଅଭୟ ଏସ୍ ଓକା ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗରେ ସହିଦ ଯବାନଙ୍କ ପତ୍ନୀଙ୍କୁ ଅଦାଲତକୁ ଟାଣିବା ଉଚିତ ନଥିଲା ଏବଂ ଏଭଳି କାର୍ଯ୍ୟ କଦାପି ଗ୍ରହଣୀୟ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି।

ଆବେଦନକାରୀଙ୍କ କର୍ତ୍ତୃପକ୍ଷ ଚାକିରି ସମୟରେ ମୃତ୍ୟୁବରଣ କରିଥିବା ସୈନିକଙ୍କ ବିଧବା ପ୍ରତି ସହାନୁଭୂତି ପ୍ରକାଶ କରିବା ଉଚିତ ଥିଲା ବୋଲି ଖଣ୍ଡପୀଠ କହିବା ସହ ଦୁଇ ମାସ ମଧ୍ୟରେ ବିଧବା ମହିଳାଙ୍କୁ ବକେୟା ଅର୍ଥ ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୩ ଜାନୁଆରିରେ ଖରାପ ପାଗରେ ପାଟ୍ରୋଲିଂ କରୁଥିବା ବେଳେ ହୃଦ୍‌ଘାତର ଶିକାର ହୋଇଥିବା ନାଏକ ଇନ୍ଦ୍ରଜିତ ସିଂହଙ୍କ ମାମଲାକୁ ପ୍ରଥମେ 'ଯୁଦ୍ଧ



ଦୁର୍ଘଟଣା' ଭାବରେ ବର୍ଗୀକୃତ କରାଯାଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ସାମରିକ ନିଯୁକ୍ତି କାରଣରୁ ଏହାକୁ 'ଶାରୀରିକ ଦୁର୍ଘଟଣା' ଭାବରେ ଶ୍ରେଣୀଭୁକ୍ତ କରାଯାଇଥିଲା। ସିଂହଙ୍କ ପତ୍ନୀଙ୍କୁ ଯେତେବେଳେ ଏଲ୍‌ଏଫ୍‌ପି ମିଳିନଥିଲା, ସେତେବେଳେ ସେ ସଶସ୍ତ୍ର ବାହିନୀ ଟ୍ରିବ୍ୟୁନାଲରେ ଏକ ପିଟିସନ ଦାଖଲ କରିଥିଲେ। ଟ୍ରିବ୍ୟୁନାଲ ତାଙ୍କ ଆବେଦନକୁ ଗ୍ରହଣ କରି ଏଲ୍‌ଏଫ୍‌ପି ଏବଂ ଯୁଦ୍ଧରେ ସହିଦ ହୋଇଥିବା ସୈନିକଙ୍କ କ୍ଷେତ୍ରରେ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିଷ୍ପତ୍ତି ବିରୋଧରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

# ସୁପ୍ରିମ୍‌କୋର୍ଟ ବିଚାରପତି ହେଲେ, ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ମନମୋହନ

ନୂଆଦିଲ୍ଲୀ : ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ମନମୋହନଙ୍କୁ ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେଇଛନ୍ତି କେନ୍ଦ୍ର ସରକାର। ଗତ ମାସରେ ସୁପ୍ରିମ୍‌କୋର୍ଟ କଲେଜିୟମ୍‌ର ସୁପାରିସ ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ପରେ ଏହି ନିଯୁକ୍ତି ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘବାଲ କହିଛନ୍ତି ଯେ, ରାଷ୍ଟ୍ରପତି ପ୍ରଧାନ ବିଚାରପତିଙ୍କ ସହ ପରାମର୍ଶ କରିବା ପରେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ମନମୋହନଙ୍କୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତ କରିଛନ୍ତି। ଜଷ୍ଟିସ୍ ମନମୋହନଙ୍କୁ ଏହି ପଦୋନ୍ନତି ଏପରି ସମୟରେ ଦିଆଯାଇଛି ଯେତେବେଳେ ସୁପ୍ରିମ୍‌କୋର୍ଟ ଦୁଇଟି ଖାଲି ପଦବୀରେ



କାର୍ଯ୍ୟ କରୁଛି ଏବଂ ତାଙ୍କ ନିଯୁକ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଦିଲ୍ଲୀ ହାଇକୋର୍ଟର ପ୍ରତିନିଧିତ୍ୱ ବଢ଼ାଇବ ବୋଲି ଆଶା କରାଯାଉଛି। ଗତ ନଭେମ୍ବର ୨୮ ତାରିଖରେ ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କ ଅଧକ୍ଷତାରେ ଗଠିତ ସୁପ୍ରିମ୍‌କୋର୍ଟ କଲେଜିୟମ୍ ଜଷ୍ଟିସ୍ ମନମୋହନଙ୍କ ପଦୋନ୍ନତି ପାଇଁ ସୁପାରିସ କରିଥିଲେ।

# ହାଇକୋର୍ଟରେ ଖାଲି ପଡ଼ିଛି ୧୪ ବିଚାରପତି ପଦବୀ, ୧.୪୫ଲକ୍ଷ ମାମଲା ବିଚାରାଧୀନ

କଟକ : ଓଡ଼ିଶା ହାଇକୋର୍ଟରେ ଏବେ ମାତ୍ର ୧୯ଜଣ ବିଚାରପତି ଅଧିଷ୍ଠିତ ଅଛନ୍ତି। ମୋଟ ୩୩ଜଣ ବିଚାରପତି ରହିବା ବିଧେୟ ଥିବାବେଳେ ଏବେ ୧୪ଟି ବିଚାରପତି ପଦବୀ ଖାଲି ପଡ଼ିଛି। ଆବଶ୍ୟକ ସଂଖ୍ୟକ ବିଚାରପତି ନଥିବାରୁ ହାଇକୋର୍ଟରେ ପ୍ରାୟ ୧.୪୫ଲକ୍ଷରୁ ଅଧିକ ମାମଲା ମଧ୍ୟ ବିଚାର ପାଇଁ ପଡ଼ି ରହିଥିବା ଜଣାପଡ଼ିଛି। ଆଜି ବିଧାନସଭାରେ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଓଡ଼ିଶା ହାଇକୋର୍ଟରେ ମୋଟ ୩୩ଜଣ ବିଚାରପତି ରହିବା ବିଧେୟକ। ଏବେ ହାଇକୋର୍ଟରେ ୧୯ଜଣ ବିଚାରପତି ଅଧିଷ୍ଠିତ ଅଛନ୍ତି। ବକେୟା ଜମା ଥବା ମାମଲାଗୁଡ଼ିକ ଶୁଣାଣି କରି ଫଇସଲା କରିବା ବିଚାରପତିମାନଙ୍କର ପରିସରଭୁକ୍ତ। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରଶ୍ନ କରିଥିଲେ ଯେ, ଓଡ଼ିଶା ହାଇକୋର୍ଟରେ କେତେ ବିଚାରପତି ରହିବା ବିଧେୟ ଓ ଏବେ କେତେଜଣ ଅଧିଷ୍ଠିତ ଅଛନ୍ତି। ଏହି ବିଚାରପତିମାନେ ତାଙ୍କର ପୂର୍ଣ୍ଣଶକ୍ତି ନିୟୋଗ କଲେ କେତେବର୍ଷ ଭିତରେ ବାକିଆ ଜମା ହୋଇଥିବା ମାମଲାଗୁଡ଼ିକ ଫଏସଲା ହୋଇପାରିବ। ତ୍ୱରିତ୍ ମାମଲା ଫଏସଲା ପାଇଁ କି କି ସଂସ୍କାରମୂଳକ ପଦକ୍ଷେପ ନେବା ପାଇଁ ସରକାର ଯୋଜନା କରିଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ଓଡ଼ିଶା ହାଇକୋର୍ଟଙ୍କ ୱେବସାଇଟରୁ ମିଳିଥିବା ତଥ୍ୟ ଅନୁସାରେ, ଡିସେମ୍ବର ୨ତାରିଖ(ଗତକାଲି) ସୁଦ୍ଧା ହାଇକୋର୍ଟରେ ବିଭିନ୍ନ ବର୍ଗର ମୋଟ ୧ଲକ୍ଷ ୪୫ହଜାର ୬୪୯ଟି ମାମଲା ବିଚାରାଧୀନ ରହିଛି।

**TARIFF**

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର